# ଝାର୍‌ଦ୍ୟାବ



ଏ ସଂଖ୍ୟାରେ...

ପୃଷ୍ଠା

**ବିଶେଷ କଥନ**
ତେନ୍ତୁଳି ବ୍ୟବସାୟ ୩

ଶିଆଳୀ ପତ୍ର ୭

**ଖବରକାଗଜ ପୃଷ୍ଠାରୁ**
କେନ୍ଦୁ ପତ୍ର ମୂଲ୍ୟ ଦୁଇ ପଇସା ବଢ଼ିଲା ୬

**ଚାଷବାସ**
ଶତାବରୀ ୧୨

**ଘରୋଇ ଚିକିତ୍ସା**
ଇନ୍ଦ୍ରମାରିଷ ୧୪

**ତଥ୍ୟ କିଞ୍ଚିତ୍**
ବନଜାତ ଦ୍ରବ୍ୟ ସଂଗ୍ରହ କ୍ୟାଲେଣ୍ଡର ୧୫

## ପାଠକ ପାଠିକାମାନଙ୍କୁ ପଦେ...

**'ଝାରଦରବ୍'** ର ପ୍ରକାଶନ ସଂପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ପଠନଯୋଗ୍ୟ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ , ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

## ସମ୍ପାଦକୀୟ...

ଜଙ୍ଗଲରୁ ମିଳୁଥିବା କେତେକ ପ୍ରମୁଖ ଅର୍ଥ ପ୍ରଦାନକାରୀ ଅଣକାଷ୍ଠ ଦ୍ରବ୍ୟ ମଧ୍ୟରୁ ତେନ୍ତୁଳି ଓ ଶିଆଳୀ ପତ୍ର ଅନ୍ୟତମ । ଏହାର ସଂଗ୍ରହ ଓ ବିକ୍ରୟ ଉପରେ ଆଦିବାସୀମାନେ ବହୁବର୍ଷଧରି ନିର୍ଭର କରିଆସୁଛନ୍ତି । ଏହା ସେମାନଙ୍କର ଜୀବନ ଜୀବିକା ତଥା ଆୟର ଅନ୍ୟତମ ପନ୍ଥା ଭାବେ ମଧ୍ୟ ପରିଗଣିତ ହୋଇ ଆସିଛି । ପୂର୍ବରୁ ଏହାର ଏକଚାଟିଆ ବ୍ୟବସାୟ କରାଯାଉଥିଲା ଓ ନାନା ଉପାୟରେ ପ୍ରାଥମିକ ସଂଗ୍ରହକାରୀଙ୍କୁ ଶୋଷଣ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଏହାର ମାଲିକାନା ଗ୍ରାମପଞ୍ଚାୟତକୁ ଆଇନ୍ ଦ୍ୱାରା ହସ୍ତାନ୍ତରିତ ହୋଇଛି । ତେବେ ପୂର୍ବରୁ ଦେଖାଯାଉଥିବା ଅସୁବିଧା ବର୍ତ୍ତମାନ ମଧ୍ୟ ଦେଖାଯାଉଛି । କାରଣ ଗ୍ରାମପଞ୍ଚାୟତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଠିକ୍ ପରିଚାଳନା କରିପାରୁନାହିଁ । ପ୍ରାଥମିକ ସଂଗ୍ରହକାରୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ସମବାୟ ମଧ୍ୟରେ ସୂଚନାର ଆଦାନପ୍ରଦାନ ଓ ସହଯୋଗ ଜନିତ ଅସୁବିଧା ରହିଛି ଯାହାର ଏଯାବତ୍ ସମାଧାନ ହୋଇପାରିନାହିଁ । ତେଣୁ ଗ୍ରାମସ୍ତରରେ ତେନ୍ତୁଳି ଓ ଶିଆଳୀ ପତ୍ରର ବ୍ୟବସାୟ କରୁଥିବା ସଂଗଠନ ଓ ଗୋଷ୍ଠୀଗୁଡ଼ିକୁ ସଶକ୍ତ କରିବାର ସମୟ ଆସିଛି । ଯାହାଫଳରେ ସେମାନେ ସଫଳ ବ୍ୟବସାୟ କରିପାରିବେ ।

ଏହି ବିଷୟକୁ ନଜରରେ ରଖି ଆମେ ଏହି ସଂଖ୍ୟାରେ ତେନ୍ତୁଳିର ବ୍ୟବସାୟ ଦିଗରେ ଥିବା ଅସୁବିଧା ତଥା ସେଗୁଡ଼ିକୁ ଗ୍ରାମସ୍ତରରେ କିଭଳି ସମାଧାନ କରାଯାଇପାରିବ ସେ ବିଷୟରେ ଉଲ୍ଲେଖ କରିଛୁ । ତେଣୁ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ସ୍ତରରେ ଥିବା ପ୍ରାଥମିକ ସଂଗ୍ରହକାରୀ ତଥା ଗ୍ରାମ୍ୟ ଅନୁଷ୍ଠାନମାନେ ଦର୍ଶାଯାଇଥିବା ସମସ୍ୟା ଓ ସମାଧାନ ଉଭୟକୁ ବୁଝି ତାହାକୁ ବ୍ୟବସାୟରେ ଉପଯୋଗ କଲେ ଆମର ଚେଷ୍ଟା ସଫଳ ହେଲା ବୋଲି ଭାବିବୁ ।



# ତେନ୍ତୁଳି ବ୍ୟବସାୟ

ସାଧାରଣତଃ ଜନବସତି ଆଖପାଖରେ ଆମ୍ବ, ପଣସ, ତେନ୍ତୁଳି, ମହୁଲ ଆଦି ଗଛଗୁଡ଼ିକ ଦେଖିବାକୁ ମିଳେ । କାରଣ ଏହି ଗଛଗୁଡ଼ିକ ଆଦିବାସୀ ଓ ବନବାସୀମାନଙ୍କୁ ଏକାଧାରରେ ଖାଦ୍ୟ ଓ ଅର୍ଥ ଯୋଗାଇ ଆସିଥାନ୍ତି । ସେହିଭଳି ବନଜାତ ଦ୍ରବ୍ୟ ସଂଗ୍ରହର ଋତୁ ଆସିଗଲେ ଆଦିବାସୀ ବା ପ୍ରାଥମିକ ସଂଗ୍ରହକାରୀଙ୍କୁ ଯେଉଁ କେତୋଟି ଗଛ ମୂଳରେ ବସିଥିବାର ଦେଖିବାକୁ ମିଳେ ତାହା ମଧ୍ୟରୁ ତେନ୍ତୁଳି ଗୋଟିଏ । ତେନ୍ତୁଳି ଗୋଟିଏ ଅର୍ଥକାରୀ ବନଜାତ ଦ୍ରବ୍ୟ ହୋଇଥିବାରୁ ପ୍ରାଥମିକ ସଂଗ୍ରହକାରୀ ତାହାର ସଂଗ୍ରହରେ ଲାଗିଥାଏ । ସଂଗ୍ରହ କରିସାରିଲା ପରେ ତାକୁ ଶୁଖାଇବା, ଖୋଳପା ଛଡ଼ାଇବା, ମଞ୍ଜି ଛଡ଼ାଇବା ଆଦି କାର୍ଯ୍ୟ କରିଥାଏ ଏବଂ ପରେ ତାହାକୁ ବଜାରରେ ବିକ୍ରି କରିବା ଲାଗି ଆଣିଥାଏ । କିନ୍ତୁ ପ୍ରାଥମିକ ସଂଗ୍ରହକାରୀଟିଏ ସଂଗ୍ରହଠାରୁ ଆରମ୍ଭ କରି ପ୍ରକ୍ରିୟା କରଣ ଓ ବିକ୍ରି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଶୋଷଣର ଶିକାର ହୋଇଥାଏ କିମ୍ବା ଠକାମିରେ ପଡ଼ିଥାଏ । କାରଣ ପ୍ରକ୍ରିୟାକରଣ ଓ ସଂରକ୍ଷଣ ଲାଗି ପ୍ରୟୋଗ ହେଉଥିବା ଆଧୁନିକ ଜ୍ଞାନ କୌଶଳ ସେମାନଙ୍କ ପାଖରେ ନଥାଏ । ତାହାଛଡ଼ା ସରଳ ବିଶ୍ୱାସୀ ହୋଇଥିବାରୁ ବିଭିନ୍ନ ଉପାୟରେ ବୁଲା ବେପାରୀ ମହାଜନ ଓ ହାଟ ବ୍ୟବସାୟୀମାନଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥାନ୍ତି । ଆଇନ୍ ଓ ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟ ଏହାକୁ ରୋକି ପାରୁନାହିଁ । କାରଣ ଗ୍ରାମପଞ୍ଚାୟତ କୁ ବନଜାତ ଦ୍ରବ୍ୟର ମାଲିକାନା ପ୍ରଦାନ କରାଯାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରିବାରେ ପଞ୍ଚାୟତ ବିଫଳ ହୋଇଛି ।

### ତେନ୍ତୁଳିଲାଗି ବ୍ୟବସାୟ କେନ୍ଦ୍ର

ଓଡ଼ିଶାରେ ଅନେକ ସ୍ଥାନରେ ତେନ୍ତୁଳିର ବ୍ୟବସାୟ କରାଯାଉଛି । କିନ୍ତୁ ପାରିବେଶିକ ଅବସ୍ଥିତି, ଅଧିକ ଉତ୍ପାଦନ ହେଉଥିବା ଅଞ୍ଚଳ ତଥା ତେନ୍ତୁଳିର ବ୍ୟବସାୟିକ ଦୃଷ୍ଟିକୋଣରୁ ଓଡ଼ିଶାର କେତେକ ସ୍ଥାନକୁ ସ୍ୱତନ୍ତ୍ର ବ୍ୟବସାୟ କେନ୍ଦ୍ର ଭାବେ ବଛାଯାଇଛି । ତନ୍ମଧ୍ୟରୁ ରାୟଗଡ଼ା, ବ୍ରହ୍ମପୁର, ପାରଳାଖେମୁଣ୍ଡି, ଗଡ଼ବନ୍ଧ, ବାମରା, ରାଜଗାଙ୍ଗପୁର, ସମ୍ବଲପୁର ଓ ସୁନ୍ଦରଗଡ଼କୁ ତେନ୍ତୁଳି ବ୍ୟବସାୟର ପେଣ୍ଠସ୍ଥଳୀ ବୋଲି ମଧ୍ୟ କୁହାଯାଇପାରେ । କାରଣ ରାଜ୍ୟରେ ଉତ୍ପାଦିତ ହେଉଥିବା ପ୍ରାୟ ସମସ୍ତ ତେନ୍ତୁଳି ଏହି ସ୍ଥାନମାନଙ୍କରେ ଆସି ଜମା ହୋଇଥାଏ ଏବଂ ଏହିଠାରୁ ହିଁ ଅନ୍ୟ ରାଜ୍ୟମାନଙ୍କୁ ରପ୍ତାନୀ କରାଯାଇଥାଏ । ତେବେ ଖାଦ୍ୟରେ ବହୁଳ ବ୍ୟବହାର କରାଯାଉଥବାରୁ ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଭଳି ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କୁ ଏହା ଅଧିକ ଭାବରେ ରପ୍ତାନୀ ବା ଚାଲାଣ କରାଯାଇଥାଏ । ଏହାଛଡା ଦିଲ୍ଲୀ, ଝାଡଖଣ୍ଡ, ଛତିଶଗଡ଼ ଓ ମହାରାଷ୍ଟ୍ରକୁ ମଧ୍ୟ ରପ୍ତାନୀ କରାଯାଇଥାଏ ।

### ସଂଗ୍ରହ ଓ ପ୍ରକ୍ରିୟାକରଣ

ବାହ୍ୟ ରାଜ୍ୟଗୁଡ଼ିକୁ ଚାଲାଣ କରାଯିବା ପୂର୍ବରୁ ତେନ୍ତୁଳିକୁ ପ୍ରାଥମିକ ସଂଗ୍ରହକାରୀ ନିଜ ବାଡ଼ି, ଜଙ୍ଗଲ ଓ ବ୍ୟବହୃତ ହେଉନଥିବା ସାଧାରଣ ଜମିରେ ଉଠିଥିବା ତେନ୍ତୁଳି ଗଛରୁ ସଂଗ୍ରହ କରିଥାଏ । ଏହାପରେ ତାହାକୁ ଖରାରେ ଶୁଖାଇ, ଖୋଳପା ଛଡାଇ, ମଞ୍ଜି ବାହାର କରି ବଜାରକୁ ବିକ୍ରି କରିବା ପାଇଁ ଆଣିଥାଏ । ତେବେ ତେନ୍ତୁଳିକୁ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ଭଳି ବର୍ଗିକରଣ କରାଯାଇଥାଏ । ଏହି ବର୍ଗିକରଣ ଅନୁଯାୟୀ ଖୋଳପା ଛଡା, ମଞ୍ଜି ବାହାର କରାଯାଇଥିବା ତେନ୍ତୁଳିକୁ ବାଦ ଦେଲେ ତେନ୍ତୁଳିର ରଙ୍ଗକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ । ବର୍ଗିକରଣ ପରେ ସଂଗ୍ରହକାରୀ ତାହାକୁ ସଂରକ୍ଷଣ କରିଥାଏ ଏବଂ ଆବଶ୍ୟକତା ଅନୁଯାୟୀ ବଜାରରେ ବିକ୍ରି କରିଥାଏ ।

### ନୀରିହ ଆଦିବାସୀ ଶୋଷିତ : ବେପାରୀ ମାଲେମାଲ

ତେନ୍ତୁଳି ଅମଳ ହେବା ସମୟବେଳେ ବା ଅମଳ ସରିଯିବା ପରେ ହିଁ ବେପାରୀ ଆସି ପହଞ୍ଚି ଯାଇଥାଏ ସଂଗ୍ରହକାରୀର ଘର ଆଗରେ । ତା'ଠାରୁ ବିଭିନ୍ନ କୌଶଳ କରି ତେନ୍ତୁଳି ନେଇଥାଏ । ବଦଳରେ କିଛି ପଇସା ସହିତ ମଦ, ଲୁଣ, ଚାଉଳ, ଲୁଗା ଆଦି ଦେଇଥାଏ । ସଂଗ୍ରହକାରୀଟିଏ ବେପାରୀର କୌଶଳରେ



ପଶିପାରିନଥାଏ । ତେଣୁ ଠକାମୀର ଶୀକାର ହୋଇଥାଏ । ପ୍ରାଥମିକ ସଂଗ୍ରହକାରୀ ହାଟରେ ମଧ ଉଚିତ୍ ମୂଲ୍ୟ ପାଇପାରିନଥାଏ । ହାଟରେ ତା'ଠାରୁ ଗଦା, ପାଛିଆ, ବେତା ଆଦିରେ ବିକ୍ରି କରିବାକୁ ବେପାରୀମାନେ ବାଧ କରିନ୍ତି । ଆଦିବାସୀମାନେ ଏହି ସମୟରେ ଓଜନ ଓ ପାଛିଆ ବା ଗଦାର ହିସାବକୁ ବୁଝିପାରିନଥାନ୍ତି ।

## ବଜାର ବ୍ୟବସ୍ଥା

ପ୍ରାଥମିକ ସଂଗ୍ରହକାରୀ ତେନ୍ତୁଳି ସଂଗ୍ରହ କରି ସାରିଲା ପରେ ବାହାର ରାଜ୍ୟକୁ ରପ୍ତାଣ କରୁଥିବା ବଡ଼ ବ୍ୟବସାୟୀଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସ୍ଥାନୀୟ ବ୍ୟବସାୟୀ ବା ମଧ୍ୟସ୍ଥି ସିଧା ସଳଖଭାବେ ସଂଗ୍ରହକାରୀଙ୍କଠାରୁ ତେନ୍ତୁଳିକୁ କିଣି ନେଇଥାନ୍ତି । ସ୍ଥାନୀୟ ବ୍ୟବସାୟୀଙ୍କ ଏଜେଣ୍ଟମାନେ ନିଜ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀ, ଗ୍ରାମହାଟରୁ ମଧ ତେନ୍ତୁଳି ସଂଗ୍ରହ କରିଥାନ୍ତି । କ୍ଷୁଦ୍ର ବ୍ୟବସାୟୀଙ୍କର ସ୍ଥାନୀୟ ସଂଗ୍ରହକାରୀ ଓ ଖୁଚୁରା ବିକ୍ରେତାଙ୍କ ସହିତ ସିଧା ସଳଖ ସମ୍ପର୍କ ଥାଏ । ତେବେ ମୁଖ୍ୟତଃ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ସ୍ଥାନୀୟ ବ୍ୟବସାୟୀ ଓ ସମବାୟ ବ୍ୟବସାୟୀଙ୍କଠାରୁ ମଧ୍ୟସ୍ଥି ଏବଂ ମଧ୍ୟସ୍ଥିଠାରୁ ବଡ଼ ବ୍ୟବସାୟୀଙ୍କ ପାଖକୁ ତେନ୍ତୁଳି ରପ୍ତାଣ କରାଯାଇଥାଏ । ବର୍ତ୍ତମାନ ଗ୍ରାମପଞ୍ଚାୟତ ସ୍ତରରେ ଗଠନ କରାଯାଇଥିବା ମହିଳା ସମବାୟ ସମିତି, ସ୍ୱୟଂ ସହାୟକ ଦଳ ଏବଂ ମହିଳା ସଂଗଠନ ସବୁ ସିଧା ସଳଖ ଭାବେ ଏଜେଣ୍ଟ କିମ୍ବା ମୁଖ୍ୟ ବ୍ୟବସାୟୀ ସହିତ ଆଲୋଚନା କରୁଛନ୍ତି ଏବଂ ତେନ୍ତୁଳିର ବିକ୍ରି ବଟା କରୁଛନ୍ତି ।

## ସମସ୍ୟାର କେତେକ ନମୁନା: ସୂଚନା ଓ ଗୋଦାମ ଘରର ଅଭାବ

ତେବେ ବ୍ୟବସାୟରେ ମୁଖ୍ୟ ଅସୁବିଧା ହେଲା ସୂଚନାର ଅଭାବ; ଯାହା ତେନ୍ତୁଳିର ବ୍ୟବସାୟ ତଥା ସଠିକ୍ ମୂଲ୍ୟ ପାଇବାରେ ଅସୁବିଧା ସୃଷ୍ଟି କରିଥାଏ । କାରଣ ତେନ୍ତୁଳି ମୂଲ୍ୟ କେତେବେଳେ ଅଧିକ ହୋଇଯାଇଥାଏ ତ କେତେବେଳେ କମିଯାଇଥାଏ । ଯାହାର ସୂଚନା ପ୍ରାଥମିକ ସଂଗ୍ରହକାରୀ କିମ୍ବା ସମବାୟ ସମିତି ନିକଟରେ ପହଞ୍ଚି ପାରିନଥାଏ । ଫଳରେ ସେମାନେ ମୂଲ୍ୟ ବଢ଼ିବା କମିବା ଜାଣିନପାରିବା ହେତୁ ତେନ୍ତୁଳିକୁ ଯେଉଁ ସମୟରେ ଯେଉଁ ଗ୍ରାହକ ଯେତିକି ଟଙ୍କାରେ ଗ୍ରହିଁଲା ସେତିକି ଟଙ୍କାରେ ଦେଇଥାନ୍ତି । କାରଣ ସେମାନେ ଏହାପରେ ପୁଣି ଦର କମିଯିବ ବୋଲି ଆଶଙ୍କା କରିଥାନ୍ତି । ସେହିଭଳି ସେମାନଙ୍କ ପାଖରେ ତେନ୍ତୁଳିର ସଂରକ୍ଷଣ ପାଇଁ ଉପଯୁକ୍ତ ଜ୍ଞାନ କୌଶଳ ତଥା ଗୋଦାମ ଘରର ଅଭାବ ରହିଥାଏ । ତେଣୁ ଅମଳ ଓ ପ୍ରକ୍ରିୟାକରଣ ସରିଲା ମାତ୍ରେ ହିଁ ବଜାରରେ ବିକ୍ରି କରିଦେଇଥାନ୍ତି । ଅନେକ ସମୟରେ ସଠିକ୍ ସଂରକ୍ଷଣ ଅଭାବରୁ ତେନ୍ତୁଳି କଳା ପଡ଼ିଯାଇଥାଏ ଏବଂ ସେଥିରେ ପୋକ ମଧ ଲାଗିଯାଇଥାଏ । ଏହା ବ୍ୟବସାୟରେ ଅସୁବିଧା ସୃଷ୍ଟି କରିଥାଏ ଏବଂ ସଂଗ୍ରହକାରୀ ତଥା ସମବାୟ ଦଳ ଉପଯୁକ୍ତ ମୂଲ୍ୟ ପାଇପାରିନଥାଏ ।



## ଗଛ ନିଲାମ

ତେନ୍ତୁଳି ଅମଳ ହେବାବେଳକୁ ଆଦିବାସୀ ଏବଂ ବନବାସୀଙ୍କର ଖାଦି ସରିଯାଇଥାଏ ଏବଂ ଚଇତିପର୍ବ ଓ ନୂଆ ଖାଇ ପରବ ପାଇଁ ମହାଜନଠାରୁ ଟଙ୍କା ଧାର ଆଣିଥାଏ । ଲାଭଖୋର ମହାଜନମାନେ ସର୍ତ୍ତ ରଖିଥାନ୍ତି ତେନ୍ତୁଳି ଅମଳ ହେଉ ହେଉ ବାକିଆ ଭରଣା କରିବେ । ଯାହା ଫଳରେ କମ୍ ଦରରେ ଆଦିବାସୀମାନେ ତେନ୍ତୁଳି ବିକ୍ରି କରିଥାନ୍ତି । ଯାହାକୁ ମହାଜନ ପରବର୍ତ୍ତି ସମୟରେ ଚଢ଼ା ଦରରେ ବିକ୍ରି କରି ମୁନାଫା ଉଠାଇଥାଏ । ଏହା ବ୍ୟତୀତ ଅଧିକ ଭଲ ତେନ୍ତୁଳି ଗଛ ଥିବା ଆଦିବାସୀ ଗାଁଗୁଡ଼ିକର ତେନ୍ତୁଳି ଗଛଗୁଡ଼ିକୁ ନିଲାମରେ ନେଇଥାନ୍ତି । ଗରିବ ଆଦିବାସୀ ମଧ ପଇସା ଅଭାବରେ ଉକ୍ତ ତେନ୍ତୁଳି ଗଛକୁ ଦୁଇ/ତିନି ବର୍ଷ ପର୍ଯ୍ୟନ୍ତ ନିଲାମରେ ଏଜେଣ୍ଟ ବା ସ୍ଥାନୀୟ ବ୍ୟବସାୟୀଙ୍କୁ ଦେଇଥାନ୍ତି । ଯାହାର ସମ୍ପୂର୍ଣ୍ଣ ଲାଭ ଉକ୍ତ ବ୍ୟବସାୟୀ ଉଠାଇଥାଏ । ସେହିଭଳି ଆଦିବାସୀମାନେ ହାଟରେ ତେନ୍ତୁଳି ବିକ୍ରି କଲାବେଳେ ବ୍ୟବସାୟୀମାନେ ଓଜନରେ ଠକିବା ସହ ଗ୍ରେଡରେ ମଧ ଠକାମୀ କରିଥାନ୍ତି ।

## ଏକତା।

ପ୍ରାଥମିକ ସଂଗ୍ରହକାରୀ ଏବଂ ସମବାୟ ଦଳଙ୍କ ମଧ୍ୟରେ ଏକତାର ଅଭାବଥିବା ଅନେକ ସମୟରେ ପରିଲକ୍ଷିତ ହୋଇଥାଏ । କାରଣ ପ୍ରାଥମିକ ସଂଗ୍ରହକାରୀ ସମିତିକୁ ତେନ୍ତୁଳି ବିକ୍ରି ନକରି ନିଜେ ସ୍ୱଳ୍ପ ପରିମାଣର ତେନ୍ତୁଳିକୁ ଖୁଚୁରାରେ ହାଟରେ ବିକ୍ରି କରିଦେଇଥାଏ ଏବଂ ସେଥିରୁ ଯେତିକି ପଇସା ପାଇଲା ସେତିକିରେ ସନ୍ତୁଷ୍ଟ ହୋଇଯାଇଥାଏ । ପ୍ରାଥମିକ ସଂଗ୍ରହକାରୀ ଭଳି ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମବାୟ ସମିତିମାନଙ୍କ ଭିତରେ ମଧ ଏକତାର ଅଭାବ ପରିଲକ୍ଷିତ ହୋଇଥାଏ । କାରଣ ସ୍ୱୟଂ ସହାୟକ ଗୋଷ୍ଠୀ ସଂଗ୍ରହ କରିଥିବା ତେନ୍ତୁଳିକୁ କେତେବେଳେ ସମବାୟ ସମିତିକୁ ଦେଲେ ଅଧିକ

ମୂଲ୍ୟ ପାଇବ ସେନେଇ ନାନା ଆଶଙ୍କା ମଧ୍ୟ ଦେଇ ଗତି କରିଥାଏ । ଫଳରେ ଉଭୟଙ୍କ ମଧ୍ୟରେ ଏକତା ଅଭାବରୁ ତେନ୍ତୁଳି ସଠିକ୍ ସମୟରେ ବିକ୍ରି ହୋଇପାରିନଥାଏ, ଯଦି ବିକ୍ରି ହେଲା ତାହା ସଠିକ୍ ଦାମରେ ମଧ୍ୟ ବିକ୍ରି ହୋଇପାରିନଥାଏ ଏବଂ ସେମାନେ ବିକ୍ରି ପାଇଁ ଅଧିକ ମୂଲ୍ୟ ମଧ୍ୟ ଦାବି କରିପାରିନଥାନ୍ତି ।

**ସରକାରୀ ସଂସ୍ଥା**

ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ଭଳି ତେନ୍ତୁଳିର ବ୍ୟବସାୟ କରିବା ଲାଗି ଟି.ଡି.ସି.ସି., ଓରମାସ ଓ ଲ୍ୟାମ୍ପସ ଭଳି ମାର୍କେଟିଙ୍ଗ କୋଅପରେଟିଭ୍ ସଂସ୍ଥାଗୁଡ଼ିକ ସହିତ ବିଭିନ୍ନ ବେସରକାରୀ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ତେନ୍ତୁଳି ବ୍ୟବସାୟ କେନ୍ଦ୍ର ନିକଟରେ କାର୍ଯ୍ୟ କରୁଛନ୍ତି । ଏହି ସଂସ୍ଥାଗୁଡ଼ିକ ପ୍ରାଥମିକ ସଂଗ୍ରହକାରୀମାନଙ୍କୁ ସଠିକ୍ ମୂଲ୍ୟ ଦେବା ସହ ସେମାନଙ୍କଠାରୁ ତେନ୍ତୁଳି କିଣିବା କଥା, କିନ୍ତୁ ସେମାନେ ସ୍ଥାନୀୟ ବ୍ୟବସାୟୀ ଓ ମଧ୍ୟସ୍ଥିଙ୍କଠାରୁ ତେନ୍ତୁଳି କିଣୁଛନ୍ତି । ଫଳରେ ପ୍ରାଥମିକ ସଂଗ୍ରହକାରୀମାନେ ଶୋଷଣର ଶିକାର ହେଉଛନ୍ତି । ଏଥିଲାଗି ସ୍ଥାନୀୟ ସ୍ତରରେ ପ୍ରତିବାଦ ହେଉଥିଲେହେଁ କୌଣସି ସମାଧାନ କାରାଯାଉନାହିଁ । ତଥାପି ଅନେକ ବେସରକାରୀ ଅନୁଷ୍ଠାନ ତେନ୍ତୁଳିର ସଫଳ ବ୍ୟବସାୟ ଦିଗରେ ପ୍ରାଥମିକ ସରକାରୀ ତଥା ସମବାୟ ଦଳଗୁଡ଼ିକୁ ସହାୟତା ଯୋଗାଇ ଆସୁଛନ୍ତି ।

**ଅନ୍ୟାନ୍ୟ**

ସବୁ ବନଜାତ ଦ୍ରବ୍ୟ ଭଳି ତେନ୍ତୁଳି ଗଛରେ ଫୁଲ ଧରିବା, ଫଳ ହେବା ପରେ ଅମଳ ଓ ସଂରକ୍ଷଣ ନେଇ ସମସ୍ୟା ଉପୁଜିଥାଏ । ତେନ୍ତୁଳିର ଅମଳ ସେଠାକାର ପାରିବେଶିକ ଅବସ୍ଥାକୁ ନେଇ ହୋଇଥାଏ । ସାଧାରଣତଃ ଜୁଲାଇ ମାସ ଶେଷରୁ ଅଗଷ୍ଟ ମାସ ଅର୍ଥାତ୍ ବର୍ଷାଋତୁ ସମୟରେ ତେନ୍ତୁଳି ଗଛରେ ଫୁଲ ଫୁଟି ଥାଏ । ଏହି ସମୟରେ ବର୍ଷାରେ ଅନିୟମିତତା ଦେଖାଦେଲେ ଫୁଲ ଝଡି ଯାଇଥାଏ କିମ୍ବା ପୋକ ଆକ୍ରମଣ କରିଥାନ୍ତି । ଫଳରେ ଉକ୍ତ ବର୍ଷ ସଠିକ୍ ଅମଳ ହୋଇପାରିନଥାଏ । ଅମଳ ପରେ ଯଦି ତେନ୍ତୁଳିର ସଠିକ୍ ପ୍ରକ୍ରିୟାକରଣ କରିବା ତଥା ସଂରକ୍ଷଣ କରାଯାଇନପାରିଲା, ତେବେ ସେଥିରେ ଫିମ୍ପି ତଥା ପୋକ ସଂକ୍ରମଣ ହୋଇଥାଏ । ସେହିଭଳି ଯଦି ଭଲ ଓ ଖରାପ ତେନ୍ତୁଳିକୁ ଏକତ୍ର ରଖାଯାଏ ତେବେ ତାହାର ଗ୍ରେଡ୍ ନଷ୍ଟ ହେବା ସହିତ ପୋକ ସଂକ୍ରମଣରେ ଅଧିକ ସମ୍ଭାବନା ଥାଏ । ଫଳରେ ଅଧିକ ମୂଲ୍ୟ ମିଳିପାରିନଥାଏ । ତେଣୁ ଏଥିଲାଗି ଦୃଷ୍ଟି ଦେବା ଆବଶ୍ୟକ ।

**ପଞ୍ଚାୟତ ହାତରେ ମାଲିକାନା: ହେଲେ ସରପଞ୍ଚଙ୍କୁ ନୀତି ନିୟମ ଜଣାନାହିଁ**

ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟକୁ ସମ୍ଭାଳି ନପାରି ୨୦୦୦ ମସିହାରେ ନୂତନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆଇନ୍ କରି ଗ୍ରାମପଞ୍ଚାୟତକୁ ମାଲିକାନା ହସ୍ତାନ୍ତର କଲେ ବୋଲି ଘୋଷଣା କରିଦେଲେ ଏବଂ ନିଜ ମୁଣ୍ଡରୁ ଦୋଷ ହଟାଇ ଦେଇ ଚୁପଚାପ୍ ବସିଲେ । ଏହି ଆଇନ ଅନୁଯାୟୀ ଗ୍ରାମପଞ୍ଚାୟତକୁ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଓ ବ୍ୟବସାୟର ଅଧିକାର ମିଳିଥିଲେ ହେଁ ପ୍ରକୃତରେ ଦେଖିବାକୁ ଗଲେ ଜଣାପଡ଼େ ଯେ ଦକ୍ଷିଣ ଓଡ଼ିଶା ଓ ଅନ୍ୟାନ୍ୟ କେତେକ ଅଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ପଞ୍ଚାୟତ ସରପଞ୍ଚମାନେ ସେମାନଙ୍କର ଏଥିଲାଗି ଥିବା କ୍ଷମତା, ପରିଚାଳନା ଅଧିକାର ଓ ମାଲିକାନା ସମ୍ପର୍କରେ କିଛି ବି ଜାଣିନାହାନ୍ତି ।

**ମୂଲ୍ୟ ନିର୍ଦ୍ଧାରଣ**

ପ୍ରତିବର୍ଷ ସେପ୍ଟେମ୍ବର ମାସ ଆସିଲେ ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କଥା ଉଠେ । କାରଣ ଅକ୍ଟୋବର ମାସରୁ ବନଜାତ ଦ୍ରବ୍ୟର ସଂଗ୍ରହ କରାଯିବା ପ୍ରାୟତଃ ଆରମ୍ଭ ହୋଇଯାଇଥାଏ । ତେଣୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସେପ୍ଟେମ୍ବର ମାସର ଶେଷ ତାରିଖରୁ ଅର୍ଥାତ୍ ୩୦ ତାରିଖକୁ ମୂଲ୍ୟ ଧାର୍ଯ୍ୟର ଲକ୍ଷ ଭାବେ ରଖାଯାଇଛି । ତେଣୁ ଜଣେ ପ୍ରାଥମିକ ସଂଗ୍ରହକାରୀ ସ୍ୱାଭାବିକ ଭାବେ ଆଶାରଖେ ଯେ ମାସଶେଷ ସୁଧା ସର୍ବନିମ୍ନ ସଂଗ୍ରହ ମୂଲ୍ୟ ସ୍ଥିର ହେବ ଏବଂ ସେ ଅକ୍ଟୋବର ମାସରୁ ସଂଗ୍ରହ କରିବା ଆରମ୍ଭ କରିବ । ୨୦୦୦ ମସିହାରେ ଗ୍ରାମପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କଲାପରେ ମଧ୍ୟ ରାଜ୍ୟସରକାର ସେହି ବର୍ଷ ସର୍ବନିମ୍ନ ସଂଗ୍ରହ ମୂଲ୍ୟ ସୂଚୀ ସ୍ଥିର କରିଥିଲେ ଯାହାକୁ ଘୋର ବିରୋଧ କରାଯାଇଥିଲା ଓ କୁହାଯାଇଥିଲା ଯେ ଯଦି ସରକାର ଗ୍ରାମପଞ୍ଚାୟତକୁ କ୍ଷମତା ହସ୍ତାନ୍ତର କଲେ ତେବେ ମୂଲ୍ୟସୂଚୀ ନିର୍ଦ୍ଧାରଣ କରିବାକୁ ସରକାର କିଏ ? ଏଥିଲାଗି ବିରୋଧ ହେବାପରେ ୨୦୦୨ ମସିହାରେ "ଲଘୁବନଜାତ ଦ୍ରବ୍ୟ ବ୍ୟବସ୍ଥାପନ ନିୟମାବଳି" ପ୍ରସ୍ତୁତ କରି ସେପ୍ଟେମ୍ବର ମାସ ୩୦ ତାରିଖ ସୁଧା ଜିଲ୍ଲାପାଳ ପଞ୍ଚାୟତ ସମିତିର ଏକ ସଭା ଡ଼କାଇ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଲେ । ସେଠାରେ ସ୍ଥିର କରାଯାଇଥିବା ମୂଲ୍ୟ ତାଲିକା ଗ୍ରାମପଞ୍ଚାୟତକୁ ପଠାଯିବ । ଗ୍ରାମପଞ୍ଚାୟତ ଚାହିଁଲେ ଏହି ମୂଲ୍ୟରେ ପରିବର୍ତ୍ତନ ଆଣିପାରିବେ ।

ଏହି ନିୟମ ପ୍ରଣୟନ କରାଯିବା ପରେ ଆଶାକରାଯାଇଥିଲାଯେ ଏଥର ପ୍ରାଥମିକ ସଂଗ୍ରହକାରୀମାନେ ନିଜନିଜର ଅଧିକାର ପାଇବା ସହିତ ଉପଯୁକ୍ତ ମୂଲ୍ୟ ପାଇପାରିବେ । କିନ୍ତୁ ଏହି ଅନୁମାନ ଭୁଲ ହେଲା ଗ୍ରାମପଞ୍ଚାୟତ ଅଦ୍ୟାବଧି ଅଣକାଷ୍ଠ ବନଜାତ ଦ୍ରବ୍ୟର ସଠିକ୍ ପରିଚାଳନା କରି ପାରିଲା ନାହିଁ । ଯାହାର ପ୍ରଭାବ ପ୍ରାଥମିକ ସଂଗ୍ରହକାରୀ ଭୋଗୁଛି । ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ସରପଞ୍ଚମାନଙ୍କର ନିଜର ପଞ୍ଚାୟତ ପରିଚାଳନା ସମ୍ପର୍କିତ ଜ୍ଞାନ ନାହିଁ ଏପରିକି ନିଜର ଅଧିକାର ବିଷୟରେ ମଧ୍ୟ ଭଲଭାବେ ଜାଣିନାହାନ୍ତି । ଅନେକ କ୍ଷେତ୍ରରେ ମହିଳା ସରପଞ୍ଚଙ୍କ ସ୍ଥାନରେ ତାଙ୍କର ସ୍ୱାମୀ ସରପଞ୍ଚ ଦାୟିତ୍ୱ ତୁଲାଉଛନ୍ତି ଓ ନିଜ ମନଇଚ୍ଛା କାର୍ଯ୍ୟକରୁଛନ୍ତି ।

ଏହା ମଧ୍ୟ ଦେଖାଯାଇଛିଯେ ରାଜ୍ୟର ଅନେକ ପଞ୍ଚାୟତକୁ ସର୍ବନିମ୍ନ ମୂଲ୍ୟସୂଚୀ ପଠାଯାଇନାହିଁ କିମ୍ବା ଗ୍ରାମପଞ୍ଚାୟତ ତରଫରୁ ମୂଲ୍ୟସୂଚୀ ପାଇବା ପାଇଁ କୌଣସି ଆବେଦନ

ଝାଡ଼ଖାବ୍

କରାଯାଇ ନାହିଁ, ଯାହା ଅନ୍ୟତମ ଚିନ୍ତାର କାରଣ ପାଲିଟିଛି ।

ପଞ୍ଚାୟତ ସମିତି ସ୍ତରରେ ବନଜାତ ଦ୍ରବ୍ୟର ମୂଲ୍ୟ ଦିର୍ଦ୍ଧାରଣ କରାଯାଇପାରେ । ପଞ୍ଚାୟତ ସ୍ତରରେ ମୂଲ୍ୟନିର୍ଦ୍ଧାରଣ କରାଗଲେ ଏହା ପ୍ରାଥମିକ ସଂଗ୍ରହ କାରୀଙ୍କୁ ଅଧିକ ଲାଭ ଦେଇପାରିବ । ପଞ୍ଚାୟତ ସ୍ତରର ଅଧିକାରୀମାନେ ହେଉଛନ୍ତି ସ୍ଥାନୀୟ ପ୍ରତିନିଧି । ତେଣୁ ଦର ନିର୍ଦ୍ଧାରଣ ନିକଲେ ପ୍ରାଥମିକ ସଂଗ୍ରହକାରୀ ସେମାନଙ୍କ ଉପରେ ଚାପ ପ୍ରୟୋଗ କରି ପାରିବେ । ପ୍ରାଥମିକ ସଂଗ୍ରହକାରୀ ନିଜର ହକ୍ ପାଇବା ଲାଗି ଦାବି ନକଲେ ଏବଂ ଗ୍ରାମ ପଞ୍ଚାୟତ ନିଜେ ପାଇଥିବା ଅଧିକାରକୁ ଯଦି ଉପଯୋଗ କରିନପାରିବ ତେବେ ଏହି ଅଧିକାର ଓ କ୍ଷମତା ପାଇବା ନପାଇବା ସବୁ ସମାନ ହବ ।

## ସମାଧାନର ପନ୍ଥା

ପ୍ରତ୍ୟେକ ବ୍ୟବସାୟ ତଥା କାର୍ଯ୍ୟରେ ସର୍ବଦା ସମସ୍ୟା ଆସିଥାଏ । ତେବେ ତାହାର ସମାଧାନ ମଧ୍ୟ ଥାଏ । ଅନ୍ୟାନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟ ଭଳି ତେନ୍ତୁଳିର ବ୍ୟବସାୟ ଓ ପରିଚାଳନା କରିବା ପାଇଁ ଆଇନ ଗ୍ରାମପଞ୍ଚାୟତକୁ ଅଧିକାର ପ୍ରଦାନ କରିଛି । ତେଣୁ ବନଜାତଦ୍ରବ୍ୟଗୁଡ଼ିକର ବିକ୍ରି, ପ୍ରକ୍ରିୟାକରଣ, ବଜାର ବ୍ୟବସ୍ଥା ସର୍ବୋପରି ବେପାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଗ୍ରାମପଞ୍ଚାୟତ ଆଗଭର ହେବା ଉଚିତ । ଏଥିଲାଗି ନିଜର ବ୍ୟବସାୟୀକ ଜ୍ଞାନ ବୃଦ୍ଧି କରିବା ସହିତ ବ୍ୟବସାୟୀ, ପଡ଼ୋଶୀ ପଞ୍ଚାୟତ ଓ ଗ୍ରାମବାସୀଙ୍କ ସହ ଏକତ୍ର ବସି ନିର୍ଣ୍ଣାୟକ ଭୂମିକା ନେବା ଉଚିତ୍ । ଏହା ସହିତ ପରସ୍ପର ଯେପରି ବ୍ୟବସାୟରେ ପରସ୍ପରକୁ ସାହାଯ୍ୟ ସହଯୋଗ କରନ୍ତି ସେଥିପ୍ରତି ଆଲୋଚନା କରିବାକୁ ପଡ଼ିବ ଏବଂ ଏଥିଲାଗି ବିଶ୍ୱାସଭାଜନ ହେବାକୁ ପଡ଼ିବ । ପ୍ରତ୍ୟେକ ସଂଗ୍ରହକାରୀ, ସମବାୟ ଦଳ ତଥା ସମିତିଗୁଡ଼ିକର ସଭ୍ୟମାନଙ୍କୁ ବ୍ୟବସାୟ ସମ୍ପର୍କିତ ଆବଶ୍ୟକୀୟ ଜ୍ଞାନ କୌଶଳ ପ୍ରଦାନ କରିବା ଏବଂ ଏଥିଲାଗି ସେମାନଙ୍କୁ ଏକ ତାଲିମପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ତାଲିମ୍ ମଧ୍ୟ ଦେବାକୁ ପଡ଼ିବ । ସେହିଭଳି ବଜାରରେ ତେନ୍ତୁଳିକୁ ମୂଲଚାଲ କରିପାରିବା, ବଜାର ଦର, ମୂଲ୍ୟଯୋଗ, ବଜାର ଚାହିଦା ତଥା ସଂରକ୍ଷଣ ବିଷୟରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ । ଏପରିକଲେ ତେନ୍ତୁଳିର ଗୁଣମାନ ବୃଦ୍ଧି ପାଇବା ସହିତ ଏହା ବଜାରରେ ଉଚିତ ଦରରେ ବିକ୍ରି ନିମନ୍ତେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ । ଏହାଦ୍ୱାରା ପ୍ରାଥମିକ ସଂଗ୍ରହକାରୀଠୁ ଆରମ୍ଭ କରି ସମବାୟ ସମିତି ଓ ସମବାୟ ଦଳ ପର୍ଯ୍ୟନ୍ତ ସମସ୍ତଙ୍କର ବ୍ୟବସାୟ କରିବା ଲାଗି ବିଶ୍ୱାସ ବୃଦ୍ଧି ହୋଇପାରିବା ସହିତ ତେନ୍ତୁଳିର ଉନ୍ନତ ବ୍ୟବସାୟ କରାଯାଇପାରିବ ବୋଲି ଆଶା କରାଯାଇପାରେ ।

**ଖବର କାଗଜ ପୃଷ୍ଠାରୁ**

## କେନ୍ଦୁ ପତ୍ର ମୂଲ୍ୟ ଦୁଇ ପଇସା ବର୍ଦ୍ଧିଲା

ଭୁବନେଶ୍ୱର, ତା୩୧/୧(ନି.ପ୍ର) – ରାଜ୍ୟ ସରକାର କେନ୍ଦୁ ପତ୍ରର ମୂଲ୍ୟ ଦୁଇ ପଇସା ବୃଦ୍ଧି କରିଛନ୍ତି । ଏଥିସହ ବନ୍ଧେଇ ମୂଲ୍ୟ ମଧ୍ୟ ବୃଦ୍ଧି କରାଯାଇଛି । କେନ୍ଦୁ ପତ୍ରର ଏହି ମୂଲ୍ର ସମଗ୍ର ଭାରତରେ ସର୍ବାଧିକ ବୋଲି ଜଣାପଡ଼ିଛି ।

ଆଜି ସଚିବାଳୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ କେନ୍ଦୁ ପତ୍ର ଉପଦେଷ୍ଟା କମିଟିର ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଦୁଇ ଘଣ୍ଟାର ବିସ୍ତୃତ ଆଲୋଚନାପରେ ୨୦ ପତ୍ର ବିଶିଷ୍ଟ କେରିର ସଂଗ୍ରହ ମୂଲ୍ୟ ଦୁଇ ପଇସା ବୃଦ୍ଧି କରାଯାଇଛି । ଫଳରେ ଏହା ୨୫ ପଇସାରୁ ୨୭ ପଇସାରେ ପହଞ୍ଚିଛି । ସୂଚନା ଯୋଗ୍ୟ ଗତ ବର୍ଷ କେନ୍ଦୁ ପତ୍ରର ସଂଗ୍ରହ ମୂଲ୍ୟ ସାଢ଼େ ତିନି ପଇସା ବୃଦ୍ଧି କରାଯାଇଥିଲା । ସେହିପରି ଫାଳ କେନ୍ଦୁପତ୍ର ଅଞ୍ଚଳରେ ୪୦ ପତ୍ର ବିଶିଷ୍ଟ କେନ୍ଦୁପତ୍ରରେ କେରିର ସଂଗ୍ରହ ମୂଲ୍ୟ ୫୦ ପଇସାରୁ ୫୪ ପଇସାକୁ ବୃଦ୍ଧି କରାଯାଇଛି । ଏତଦ୍ବ୍ୟତୀତ ଘରୋଇ ଉତ୍ପାଦନକାରୀଙ୍କ ପାଇଁ କେନ୍ଦୁପତ୍ର କ୍ରୟ ମୂଲ୍ୟ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବଢ଼ାଯାଇଛି । ଏହି ମୂଲ୍ୟ ୨୪୫୦ ଟଙ୍କା ଥିଲା । ହାଡ଼ କେସ୍ କେନ୍ଦୁପତ୍ର ଅନୁଦାନର ବଣ୍ଟନ ପ୍ରଣାଳୀରେ ପରିବର୍ତ୍ତନ ଆଣିବା ପାଇଁ ଆଇନଗତ ସଂଶୋଧନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରିବର୍ତ୍ତିତ ବଣ୍ଟନ ପ୍ରଣାଳୀ ଅନୁଯାୟୀ ଅନୁଦାନର ଶତକଡ଼ା ୫୦ ଭାଗ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧେଇ ଶ୍ରମିକ କଲ୍ୟାଣ ପାଣ୍ଠିକୁ ଯୋଗାଇ ଦିଆଯିବ ଏବଂ ଅବଶିଷ୍ଟ ୫୦ ଭାଗ କେନ୍ଦୁ ପତ୍ର ଉତ୍ପାଦିତ ହେଉଥିବା ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଲାଗି ପ୍ରଦାନ କରାଯିବ । ବନ୍ଧାଳୀମାନଙ୍କ ମଜୁରୀ ବୃଦ୍ଧି ନିଷ୍ପତ୍ତି ବୈଠକରେ ଗ୍ରହଣ କରାଯାଇଛି । ତଦନୁଯାୟୀ ୧ ନମ୍ବର ଓ ୨ ନମ୍ବର ଶ୍ରେଣୀର ପାଞ୍ଚ କେଜି ଓଜନ ବିଶିଷ୍ଟ କେରୀର ବନ୍ଧେଇ ମୂଲ୍ୟ ପ୍ରଚଳିତ ୧୭ ଟଙ୍କା ୫୦ ପଇସାରୁ ୨୧ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପପରି ତୃତୀୟ, ଚତୁର୍ଥ ଶ୍ରେଣୀର ପାଞ୍ଚକେଜି ଓଜନ ବିଶିଷ୍ଟ ବିଡ଼ାର ବନ୍ଧେଇ ମୂଲ୍ୟ ଯଥାକ୍ରମେ ପ୍ରଚଳିତ ୧୬ ଟଙ୍କା ୫୦ ପଇସାରୁ ୧୯ ଟଙ୍କାକୁ ଓ ୧୪ ଟଙ୍କା ୫୦ ପଇସାରୁ ୧୮ ଟଙ୍କାକୁ ବୃଦ୍ଧି କରାଯାଇଛି । କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀମାନଙ୍କ ବୃହତର ସ୍ୱାର୍ଥକୁ ବିଚାରକୁ ନେଇ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧେଇ ଶ୍ରମିକ ଉନ୍ନୟନ ପାଣ୍ଠିର ବିନିଯୋଗ ପାଇଁ ମଧ୍ୟ ନୂତନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂର୍ବରୁ ପ୍ରଚଳିତ ଅକାଳ ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା ପାଇଁ ଦିଆଯାଇଥିବା ସହାୟତା ସମେତ ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ମଧ୍ୟ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି । ଆଜିର ଉପଦେଷ୍ଟା କମିଟି ବୈଠକରେ ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର, ପି.ସି.ସି.ଏଫ୍. କେନ୍ଦୁପତ୍ର, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

**ସମାଜ**
**୦୧.୦୨.୦୮**

# ଶିଆଳୀ ପତ୍ର

ଜଙ୍ଗଲରୁ ମିଳୁଥିବା କେତେକ ମୁଖ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟ ମଧ୍ୟରୁ ଶିଆଳୀ ପତ୍ର ଅନ୍ୟତମ । ଖରାଦିନଗୁଡ଼ିକୁ ଛାଡ଼ିଦେଲେ ପ୍ରାଥମିକ ସଂଗ୍ରହକାରୀ ପ୍ରାୟତଃ ବର୍ଷସାରା ଶିଆଳୀ ପତ୍ର ଯୋଗାଇ ଆସିଥାଏ । ପତ୍ର ସଂଗ୍ରହ କରସାରିଲାପରେ ତାହାକୁ ବିଡ଼ା ଆକାରରେ କିମ୍ବା ଖଲି ଓ ଦନା ସିଲାଇ କରି ବଜରରେ ବିକ୍ରି କରିଥାଏ ଏବଂ ନିଜର ଗୁଜୁରାଣ ମେଣ୍ଟାଇଥାଏ । ଏହା ବର୍ଷର ପ୍ରାୟ ୯ରୁ ୧୦ ମାସ କଞ୍ଚା ପତ୍ର ଯୋଗାଇ ଆସୁଥିବାରୁ ପ୍ରାଥମିକ ସଂଗ୍ରହକାରୀଙ୍କ ଜୀବନଜୀବିକାର ସୁରକ୍ଷାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିଛି । ତେବେ ସାମ୍ପ୍ରତିକ ପରିସ୍ଥିତିରେ ଦ୍ରୁତ ଜଙ୍ଗଲ କ୍ଷୟ, ସହନଶୀଳ ଅମଳ ପ୍ରକ୍ରିୟାର ଅଭାବ, ତଥା ଉପଯୁକ୍ତ ଜଙ୍ଗଲ ପରିଚାଳନାର ଅଭାବରୁ ପତ୍ର ଉତ୍ପାଦନ କ୍ରମଶଃ କମି କମି ଯାଉଛି । ଅନ୍ୟ ପକ୍ଷରେ  କହିବାକୁ ଗଲେ ପତ୍ରର ବ୍ୟବସାୟୀକ ମୂଲ୍ୟ ବଢ଼ିଥିଲେ ସୁଦ୍ଧା ପ୍ରାଥମିକ ସଂଗ୍ରହକାରୀ ଯେଉଁଠି ଥିଲା ସେଇଠି ରହିଯାଇଛି ।

### ଆସ ଶିଆଳୀ ବିଷୟରେ ଜାଣିବା

ଶିଆଳୀ ଏକ ଲତା ଜାତୀୟ ଉଭିଦ ଏବଂ ଏହା ମୁଖ୍ୟତଃ ଶୁଷ୍କ ପର୍ଣ୍ଣମୋଚୀ ପାହାଡ଼ି ଜଙ୍ଗଲ ଓ ସାଧାରଣ ଶାଳ ଜଙ୍ଗଲରେ ଦେଖିବାକୁ ମିଳିଥାଏ । ଜଙ୍ଗଲ ଅଞ୍ଚଳ ଛଡ଼ା ଅନ୍ୟ କେଉଁଠାରେ ଏହାର ତିଷ୍ଠି ରହିବାର ଉଦାହରଣ ବହୁତ କମ୍ ସୁନ୍ଦରଗଡ଼, ଦେବଗଡ଼, ରାୟଗଡ଼ା, ନୟାଗଡ଼, କୋରାପୁଟ, ମାଲକାନାଗିରି ଓ କଳାହାଣ୍ଡି ପ୍ରଭୃତି ଜିଲ୍ଲାମାନଙ୍କର ମୃତ୍ତିକା ଓ ପାଣିପାଗରେ ଏହା ଭଲ ବଢ଼ିପାରେ । ତେଣୁ ଏହି ଅଞ୍ଚଳରୁ ଅଧିକ ପରିମାଣର ଶିଆଳୀ ଉତ୍ପାଦନ ହୋଇଥାଏ ।

### ଶିଆଳୀର ବ୍ୟବହାର

ସାଧାରଣତଃ ଜଣେ ଗରୀବ ଆଦିବାସୀ ଓ ବନବାସୀ ଶିଆଳୀ ପତ୍ରର ଦନାରେ ଖାଇବାଠାରୁ ଆରମ୍ଭକରି ଘରଛପର ବର୍ଷାତି (ପଖିଆ) ଓ ମଞ୍ଜିରୁ ତେଲ ବାହାର କରି ନିଜର ପତ୍ରକୁ ଖଲି ଓ ଦନାରେ ପରିଣତ କରି ବଜାରରେ ବିକ୍ରି କରିବା ସହିତ ଲଟାରୁ ଛାଲି ସଂଗ୍ରହ କରି ସେଥିରେ ଦଉଡ଼ି ବଳିଥାନ୍ତି । ଦଉଡ଼ିରେ ଦଉଡ଼ିଆ ଖଟ  ତିଆରି କରିବା, ଗୋରୁଗାଈ, ଛେଳି ବାନ୍ଧିବା, ମଶିଣା ବାନ୍ଧିବା, ଫୁଲଝାଡ଼ୁ ବାନ୍ଧିବା ଆଦିରେ ବ୍ୟବହାର ହୋଇଥାଏ । ଏହାଛଡ଼ା ଡିସେମ୍ବରରୁ ମାର୍ଚ୍ଚ ମାସ ମଧ୍ୟରେ ଫଳୁଥିବା ଫଳରୁ ମଞ୍ଜିକୁ ଶୁଖାଇ ଭାଜି ଖିଆଯାଇଥାଏ । ସେହିଭଳି କେତେକ ଅଞ୍ଚଳରେ ପତ୍ରକୁ ଥାକ ଥାକ କରି ସଜାଇ ଘର ବା କୁଡ଼ିଆକୁ ଛପର କରାଯାଇଥାଏ ।

ତେବେ ଉପର ଲିଖିତ ସମସ୍ତ ବିଷୟକୁ ବାଦ୍ ଦେଲେ ଶିଆଳୀର ମୁଖ୍ୟ ଅଙ୍ଗ ହେଉଛି ପତ୍ର ଯାହାକୁ ବିଡ଼ା ହିସାବରେ ଓ ଖଲି ଦନା ଆଦି ପ୍ରସ୍ତୁତ କରି ବିକ୍ରି କରିବା ଆଦି କାର୍ଯ୍ୟରେ ବିକ୍ରି କରାଯାଇଥାଏ ।

### ସଂଗ୍ରହ

ଶିଆଳୀ ପତ୍ର ମୁଖ୍ୟତଃ ଜଙ୍ଗଲରୁ ମିଳିଥାଏ । ଏହା ଖରାଦିନେ କମ ପରିମାଣରେ ମିଳୁଥିବାବେଳେ ବର୍ଷାଦିନେ ଓ ଶୀତଦିନେ ଅଧିକ ପରିମାଣରେ ମିଳିଥାଏ । ବର୍ଷାଦିନରେ ମୂଳ ତଥା ଲଟାରୁ ଅଧିକ ଗଜା ବା ଶାଖା ବାହାରିଥାଏ । ଏହି ପତ୍ର ସବୁ ଶୀତଦିନକୁ ତୋଳିବା ଲାଗି ଉପଯୁକ୍ତ ହୋଇଥାଏ । ତେଣୁ ଶୀତ ଦିନରେ ଅଧିକ ପତ୍ର ମିଳିଥାଏ ।

ଶିଆଳୀ ପତ୍ର ସଂଗ୍ରହ କରିବା ଲାଗି ଜଙ୍ଗଲ ନିକଟସ୍ଥ ଗାଁରେ ରହୁଥିବା ମହିଳାମାନେ ଜଙ୍ଗଲକୁ ଯାଇଥାନ୍ତି । ଆବଶ୍ୟକ ହେଲେ ସେମାନେ ନିଜର ପିଲାମାନଙ୍କୁ ସାଙ୍ଗରେ ନେଇଯାଇଥାନ୍ତି । ତେବେ ପ୍ରତି ପରିବାରରୁ ପ୍ରାୟ ୨ ରୁ ୩ ଜଣ ପର୍ଯ୍ୟନ୍ତ ସଭ୍ୟ ପତ୍ର ସଂଗ୍ରହ କରିବାକୁ ଯାଇଥାନ୍ତି । ଜଙ୍ଗଲରୁ ପତ୍ର ସଂଗ୍ରହ ସକାଳ ୮ଟା ରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲେ । ତେବେ ଶୀତଦିନରେ ଶୀଘ୍ର ସୂର୍ଯ୍ୟାସ୍ତ ହେଉଥିବାରୁ ଅନେକ ୪ଟା ପର୍ଯ୍ୟନ୍ତ ପତ୍ର ସଂଗ୍ରହ କରି ଘରକୁ ଫେରିଥାନ୍ତି । କିଛି ସଂଗ୍ରହକାରୀ ଗୋଟିଏ ବେଳା ସଂଗ୍ରହ ଲାଗି ଯାଉଥିଲାବେଳେ ଅନ୍ୟବେଳାଟିକୁ ଘରୋଇ ଓ କୃଷି କାର୍ଯ୍ୟରେ ବିନିଯୋଗ କରିଥାନ୍ତି । ବର୍ଷା ଦିନେ କିଛି କୀଟ ଶିଆଳୀ ଲତା ତଥା ପତ୍ରରେ ଲାଗି ରହିଥାନ୍ତି । ବେଳେ ବେଳେ ବିରୁଡ଼ି, କୀଟ ଆକ୍ରମଣର ସମ୍ଭାବନା ଥିବାରୁ ଆଦିବାସୀମାନେ ବିଶେଷ ଭାବେ ବର୍ଷାଦିନରେ ଜଙ୍ଗଲରୁ ଶିଆଳୀ ପତ୍ର ସଂଗ୍ରହ କରିବାକୁ ଇଚ୍ଛା ପ୍ରକାଶ କରିନଥାନ୍ତି । ତେବେ ବର୍ଷାଦିନ ଶେଷଆଡ଼କୁ ସବୁଆଡ଼େ ପତ୍ର ସଂଗ୍ରହ ହେବା ଆରମ୍ଭ ହୋଇଯାଇଥାଏ ।



# ପତର୍ ନୁହେଁ ଓ ସୁନା ପତର୍

ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପଞ୍ଚାୟତର ଅଧୀନରେ ଆସେ ବୁଗୁଡ଼ା କଲୋନୀ । ଦଶପଲ୍ଲାଠାରୁ ୧୦ କିଲୋମିଟର ଦୂରତାରେ ରାଜ୍ୟ ରାଜପଥ କଡ଼ରେ ଥିବା ବୁଗୁଡ଼ା କଲୋନୀ ହେଉଛି ଗୋଟିଏ ଛୋଟିଆ ଗାଁ । ଏହି ଗାଁରେ ୩୦ଟି ଆଦିବାସୀ ପରିବାର ବସବାସ କରୁଛନ୍ତି । ଋଷବାସ ଓ ପରିବାଗ୍ରଷ ଏହି ପରିବାରଗୁଡ଼ିକର ମୁଖ୍ୟ ବେଉସା ଥିଲାବେଳେ ସେମାନେ ନିକଟସ୍ଥ ବାଇଶିପଲ୍ଲୀ ଜଙ୍ଗଲ ଅଞ୍ଚଳ, ନାଗମଣି ପାହାଡ଼ ଆଦିରୁ ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଏହି ଜଙ୍ଗଲରେ ଅନ୍ୟାନ୍ୟ ବନଜାତ ଦ୍ରବ୍ୟଠାରୁ ଶିଆଳୀପତ୍ର ଅଧିକ ମାତ୍ରାରେ ମିଳିଥାଏ । ତେଣୁ ଏହି ଆଦିବାସୀମାନେ ଶିଆଳୀ ପତ୍ର ସଂଗ୍ରହ କରି ସିଧାସଳଖ ବଜାରରେ ବିକ୍ରି କରି ଦେଉଥିଲେ ।

ଏହା ଦ୍ୱାରା ଜଣେ ଜଣେ ପରିବାର ବାର୍ଷିକ ୮୦୦୦ରୁ ଅଧିକ ଟଙ୍କା ରୋଜଗାର କରୁଥିଲେ । କିଛି ପରିବାର ପାରମ୍ପରିକ ପ୍ରକ୍ରିୟାରେ ଖଡ଼ିକାରେ ଖଲି ଓ ଦନା ସିଲାଇ କରି ଦିନକୁ ୩୦ଟଙ୍କାରୁ ଅଧିକ ରୋଜଗାର କରିପାରୁଥିଲେ । ଅଧିକାଂଶ ଗ୍ରାମବାସୀଙ୍କର ଜମିଥିଲେ ମଧ୍ୟ ଜଳସେଚନ ଅଭାବରୁ ବାରମାସୀ ଫସଲ ହୋଇପାରୁନଥିଲା, ଯାହା ସେମାନଙ୍କର ଗୁଜୁରାଣ ମେଣ୍ଟାଇବାରେ ବାଧା ସୃଷ୍ଟି କରୁଥିଲା, କିନ୍ତୁ ଜଙ୍ଗଲରୁ ମିଳୁଥିବା ଶିଆଳୀ ପତ୍ର ସେମାନଙ୍କୁ ୬ମାସରୁ ଅଧିକ ଦିନ ରୋଜଗାର ଦେଇପାରୁଥିଲା । ତେଣୁ ବୁଗୁଡ଼ା କଲୋନୀର ଗ୍ରାମବାସୀମାନେ ଶିଆଳୀପତ୍ରକୁ "ବିଡ଼ାଏ ପତ୍ର ନୁହେଁ ମୁଠାଏ ଟଙ୍କା" ବୋଲି ମଧ୍ୟ କହିଥାନ୍ତି । ଶିଆଳୀ ପତ୍ର ମିଳୁଥିବାରୁ ସେମାନଙ୍କ ପାଖରେ ବ୍ୟବସାୟୀମାନେ ଧାଡ଼ି ଲଗାଉଥିଲେ । ବୁଗୁଡ଼ା କଲୋନୀ ଓ ତାହାର ଆଖପାଖ ଗାଁଗୁଡ଼ିକ ଏହି ବ୍ୟବସାୟୀଙ୍କର ହାତମୁଠାରେ ଥିଲା ଏବଂ ସେମାନେ ନିଜ ମନକୁ ସୁହାଉଥିଲା ଭଳି ପଇସା ଦେଉଥିଲେ ।

ପୂର୍ବରୁ ଗ୍ରାମାବାସୀମାନେ ପାରମ୍ପରିକ ପ୍ରକ୍ରିୟାରେ ଖଲି ଓ ଦନା ସିଲାଇ କରୁଥିଲେ କିନ୍ତୁ ଓରମାସ ଠାରୁ ସିଲାଇ ସମ୍ବନ୍ଧିତ ପ୍ରଶିକ୍ଷଣ ବା ତାଲିମ୍ ପାଇଲା ପରେ ମେସିନ୍‌ରେ ସିଲାଇ କରିବା ଆରମ୍ଭ କରିଥିଲେ । ୧୯୯୯ ମସିହାରେ ସରକାରୀ ସଂସ୍ଥା ଓରମାସ୍, ଡି.ଆର.ଡି.ଏ.ର ସାହାଯ୍ୟରେ ବୁଗୁଡ଼ା କଲୋନୀରେ ଶିଆଳୀ ଖଲି ଓ ଦନା ପ୍ରସ୍ତୁତ ଲାଗି ଗୋଟିଏ ପ୍ରୋସେସିଂଗ୍ ୟୁନିଟ୍ ପ୍ରସ୍ତୁତ କଲେ । ଏଠାରେ ୭୦ ଜଣ ମହିଳାଙ୍କୁ ସିଲାଇ କରିବାର ତାଲିମ୍ ଦିଆଯାଇଥିଲା ଓ ସେମାନଙ୍କୁ ଋଣ ସୁତ୍ରରେ ନିକଟସ୍ଥ ବ୍ୟାଙ୍କ ସାହାଯ୍ୟରେ ସିଲାଇ ମେସିନ୍ ମଧ୍ୟ ଯୋଗାଇ ଦିଆଯାଇଥିଲା । ଏହି ତାଲିମ ପ୍ରାପ୍ତ ମହିଳାମାନେ ଦୈନିକ ୮୦୦୦ରୁ ଅଧିକ ସିଲେଇ ଖଲି ପ୍ରସ୍ତୁତ କରୁଥିଲାବେଳେ ୧୦,୦୦୦ରୁ ଅଧିକ ପ୍ରେସ ଖଲି ଓ ଦନା ତିଆରି କରିପାରିଲେ । ଏହି ଖଲି ଓ ଦନାକୁ କେବଳ ସ୍ଥାନୀୟ ବଜାର ନୁହଁ ଏପରିକି ହାଇଦ୍ରାବାଦର ଅନପୂର୍ଣ୍ଣା କଟେଜ୍ ଇଣ୍ଡଷ୍ଟ୍ରିକୁ ବିକ୍ରିକରି ଅଧିକ ଦୁଇ ପଇସା କମାଉଥିଲେ । ଅଧିକ ପରିମାଣର ଖଲି ଓ ଦନା ପ୍ରସ୍ତୁତ ହେବା କାରଣରୁ ଏହି ଗାଁରେ ମହିଳା ଗୋଷ୍ଠୀମାନେ ସଂପ୍ରତି ଖଲି ଓ ଦନା ସିଲାଇକରି ପ୍ରତ୍ୟେକ ପରିବାର ମାସକୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି । ପୂର୍ବରୁ ଖଲି ସଂରକ୍ଷଣ କରିବା ଲାଗି ଗୋଦାମ ଘର ନଥିଲା ଏବେଗାଁରେ ଗୋଟିଏ ଗୋଦାମ ଘର ମଧ୍ୟ ହୋଇଛି । ପୂର୍ବରୁ ଶୋଷଣ ହେଉଥିଲା ଏବେ ଶୋଷଣ ନାହିଁ । ପୂର୍ବରୁ ଅଭାବ ଥିଲା ଏବେ ଅଭାବ ନାହିଁ । ଏହି ଅଭାବକୁ ସୁଧାରି ଦେଇଛି ବିଡ଼ାଏ ଶିଆଳୀ ପତ୍ର ଓ ଗୋଷ୍ଠୀ ଉଦ୍ୟମ । ତେଣୁ ଶିଆଳିପତ୍ର ଏବେ ବୁଗୁଡ଼ା କଲୋନୀ ଲାଗି ସୁନାର ପତ୍ର ପାଲଟି ଯାଇଛି

## ପାରମ୍ପରିକ ସୀମା ବଣ୍ଟନ

କେତେକ ଆଦିବାସୀ ଅଞ୍ଚଳମାନଙ୍କରେ ଫୁଲଝାଡ଼ୁ ସଂଗ୍ରହ ଭଳି ଶିଆଳୀ ପତ୍ର ସଂଗ୍ରହ ଲାଗି ପାରମ୍ପରିକ ଭାବେ ଜଙ୍ଗଲ ଅଞ୍ଚଳକୁ ବଣ୍ଟି ନେଇଥାନ୍ତି । ତେଣୁ ନିଜ ପାଇଁ ଉଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳରୁ ଶିଆଳୀ ପତ୍ର ସଂଗ୍ରହ କରିବା ପାଇଁ ଗ୍ରାମବାସୀମାନେ ଯାଇଥାନ୍ତି । ତେବେ ନିଜ ପାଇଁ ଉଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳର ସୀମାଠାରୁ ଆଗକୁ ଯାଇ ପତ୍ର ସଂଗ୍ରହ କଲେ ଗଣ୍ଡଗୋଳ ଓ ପାଟିତୁଣ୍ଡ ହୋଇଥାଏ । ବେଳେବେଳେ ଅନେକ ରାଗିଯାଇ ଶିଆଳୀ ଲଟାକୁ ମୂଳରୁ ହାଣି ଦେଇଥାନ୍ତି ।

## ସଂଗ୍ରହରେ ମହିଳା ଓ ପୁରୁଷ

ଶିଆଳୀ ପତ୍ର ସଂଗ୍ରହ ଲାଗି ଉଭୟ ପୁରୁଷ ଓ ମହିଳା ଯାଇଥାନ୍ତି । ତେବେ ସଂଗ୍ରହ କ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ଯତ୍ନଶୀଳ ହୋଇଥାନ୍ତି । ପୁରୁଷମାନେ ଶୀଘ୍ର ତଥା ଅଧିକ ପତ୍ର ପାଇବା ଲାଗି ଲଟାକୁ ହାଣି ଦେଇଥାନ୍ତି କିନ୍ତୁ ମହିଳାମାନେ ଲଟା ନ'ହାଣି ପତ୍ର ସଂଗ୍ରହ କରିବାକୁ ପସନ୍ଦ କରିଥାନ୍ତି ।

## ଅଧିକ ଅମଳ ଲାଗି ପାରମ୍ପରିକ ଜ୍ଞାନର ପ୍ରୟୋଗ

ଶିଆଳୀ ଲଟା ଅଧିକ ବର୍ଷର ହୋଇଗଲାପରେ ସେଥିରେ ଅଧିକ ପତ୍ର ଧରିନଥାଏ ଓ ପତ୍ରର ଆକାର ମଧ୍ୟ ଆନୁପାତିକ ଭାବେ ଛୋଟ ହୋଇଯାଇଥାଏ । ତେଣୁ ଆଦିବାସୀମାନେ ମୋଟା ହୋଇଯାଇଥିବା ଲଟାକୁ ମୂଳଠାରୁ ହାତେ କିମ୍ବା ଦେଢ଼ହାତ ଛାଡ଼ି ହାଣି ଦେଇଥାନ୍ତି । ଏହାଛଡ଼ା ଯଦି ଲଟା ଅଧିକ ଲମ୍ବା ହୋଇଯାଇଥାଏ, ତେବେ ସେଥିରେ ମଧ୍ୟ ପତ୍ର ଆସିନଥାଏ । ତେଣୁ ଆବଶ୍ୟକତା ଅନୁସାରେ ଲଟାର ମୋଟେଇକୁ ଦେଖି ହାଣି ଦିଆଯାଇଥାଏ । ଯାହାଫଳରେ ବର୍ଷା ଦିନରେ କଟା ସ୍ଥାନରୁ ନୂଆ ଲଟା ବାହାରି ଅଧିକ ପତ୍ର ମିଳିଥାଏ ।

ଦେଖାଯାଇଛି ଯେ ଉତ୍ପାଦନ ସମୟରେ

## ଶିଆଳୀ ପରବ

ଅଭାବ ସମୟରେ କଞ୍ଚାପଇସା ଯୋଗାଉଥିବା ଓ ପାରିବାରିକ ଗୁଜୁରାଣା ମେଣ୍ଟାଇ ଆସୁଥିବା ଶିଆଳି ଲତାର ସଂରକ୍ଷଣ ପାଇଁ ବିଭିନ୍ନ ଜିଲ୍ଲାରେ ଶିଆଳୀ ପରବ ପାଳନ କରାଯାଇଥାଏ । ଆଦିବାସୀ ଅଞ୍ଚଳରେ ସିଆଡ଼ୀ ପରବ ପାଳନ କରାଯାଉଥିବାବେଳେ ଆମ ରାଜ୍ୟର ଅନ୍ୟତମ ମୁଖ୍ୟ ଶିଆଳୀପତ୍ର ଉତ୍ପାଦନ କରୁଥିବା ଜିଲ୍ଲା ହେଲା ନୟାଗଡ଼ ଜିଲ୍ଲାରେ ଏହା ଶିଆଳୀ ପରବ ଭାବେ ପରିଚିତ । ଏହି ଜିଲ୍ଲାର ମଝିଆଖଣ୍ଡ ଭଳି କେତେକ ଗ୍ରାମରେ ମହିଳାମାନେ ପୂର୍ବରୁ ସଂଗ୍ରହ କରିଥିବା ଶିଆଳୀ ମଞ୍ଜିକୁ ସ୍ନାନ ପୂର୍ଣ୍ଣିମା ଦିନ ବୁଣିଥାନ୍ତି ଏବଂ ଲତାଟି ଭଲ ବଢ଼ିବା ଲାଗି ପୂଜା ଓ ପ୍ରାର୍ଥନା କରିଥାନ୍ତି । ଏହି ପୂଜା ଦ୍ୱାରା ମଞ୍ଜି ଭଲ ଲତାରେ ପରିଣତ ହେବା ସହ ଭଲ ପତ୍ର ମିଳିଥାଏ ବୋଲି ସେମାନଙ୍କର ବିଶ୍ୱାସ ।

ଗୋଟିଏ ଶିଆଳୀ ବୁଦାରୁ ମାସକୁ ୧୨୦ରୁ ୧୬୦ ଟି ପର୍ଯ୍ୟନ୍ତ ପତ୍ର ସଂଗ୍ରହ କରାଯାଇଥାଏ । ଅନେକ ଅଧିକ ପତ୍ର ପାଇବା ଲାଗି ମାସକୁ ଚାରିଥର ସଂଗ୍ରହ କରିଥାନ୍ତି, ଯାହାଫଳରେ ପତ୍ର ପାକଳ ହେବାକୁ ସମୟ ପାଇନଥାଏ । ତେଣୁ ଗୋଟିଏ ବୁଦାରୁ ମାସକୁ ଦୁଇଥର ପତ୍ର ସଂଗ୍ରହ କରିବା ଉଚିତ୍ ।

### ପ୍ରକ୍ରିୟାକରଣ ଓ ସଂରକ୍ଷଣ

ପତ୍ର ସଂଗ୍ରହ ପରେ ଆସେ ପ୍ରକ୍ରିୟାକରଣ ଓ ସଂରକ୍ଷଣ । ଶିଆଳୀ ପତ୍ରକୁ ଉଭୟ ବର୍ଷା ଓ ଶୀତ ଦିନମାନଙ୍କରେ ସଂଗ୍ରହ କରାଯାଇଥାଏ । ତେଣୁ ପାଣିପାଗ ତଥା ପତ୍ରର ଅବସ୍ଥାକୁ ଦେଖି ପ୍ରକ୍ରିୟାକରଣ ଓ ସଂରକ୍ଷଣ କରିବାକୁ ହୋଇଥାଏ ।

ବର୍ଷାଦିନେ ସାଧାରଣତଃ କମ ସୂର୍ଯ୍ୟକିରଣ ପଡ଼ିଥାଏ । ଏହି ସମୟରେ ସଂଗୃହୀତ ହୋଇଥିବା ପତ୍ରଗୁଡ଼ିକ ସହଜରେ ଶୁଖିନଥାଏ । ଫଳରେ ପତ୍ର ଶୁଖିବା ନିମନ୍ତେ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଏହାକୁ ପିଣ୍ଡା ବା ଘରେ ତାର ଟାଣି ଶୁଖାଇ ଦିଆଯାଇଥାଏ । ବେଳେବେଳେ ଘର ଚୂଲୀ ପାଖରେ ସେକ ଦିଆଯାଇ ଶୁଖାଇ ଦିଆଯାଇଥାଏ । ଏହା ଦ୍ୱାରା ପତ୍ର ଶୁଖିଯାଏ ସତ କିନ୍ତୁ ତାହାର ଗୁଣବତ୍ତା ଓ ନମନୀୟତା ହରାଇଥାଏ । ଶୀତଦିନରେ ସଂଗ୍ରହ ହୋଇଥିବା ପତ୍ରକୁ ବାହାର ଚଟାଣରେ ଦୁଇ ଦିନ ପର୍ଯ୍ୟନ୍ତ ଛାଇ ଖରାରେ ଶୁଖାଇବା ଦ୍ୱାରା ପତ୍ରର ସବୁଜ ରଙ୍ଗ ଅକ୍ଷୁର୍ଣ୍ଣ ରହିବା ସହିତ ପତ୍ର ନରମ ରହିଥାଏ ବୋଲି ସଂଗ୍ରହକାରୀମାନେ ମତ ଦିଅନ୍ତି ।

ପତ୍ରଗୁଡ଼ିକୁ ଶୁଖାଇ ସାରିଲାପରେ ଅନେକ ସିଧା ସଳଖ ଖଲି ସିଲାଉଥିବାବେଳେ ଅନେକ ପତ୍ରକୁ ସଂରକ୍ଷଣ କରି ରଖିଥାନ୍ତି ଓ ପରେ ସମୟକୁ ଦେଖି ଖଲି ଓ ଦନା ତିଆରି କରିଥାନ୍ତି । ତେବେ ସଂରକ୍ଷଣ ଲାଗି ଶୁଖିଗଲାପରେ ପତ୍ରଗୁଡ଼ିକୁ ସାଇଜ୍ କରି ଥାକ ଥାକ କରି ରଖିବା ଉଚିତ୍ । ପତ୍ରଗୁଡ଼ିକ ମାଟିରେ ନଲାଗିବା ଲାଗି ବ୍ୟବସ୍ଥା କରିବା ସହିତ ସଂରକ୍ଷଣ ଲାଗି ଥିବା ଘରର ଆଦ୍ରତା କୁ ନିରୀକ୍ଷଣ କରିବା ଆବଶ୍ୟକ ହୋଇଥାଏ । କାରଣ ଆଦ୍ରତା ରହିଲେ ପତ୍ର ଫିମ୍ପି ଲାଗିବାର ସମ୍ଭାବନା ଥାଏ । ଶିଆଳି ପତ୍ର ସଂରକ୍ଷଣ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀ ତଥା ବ୍ୟବସାୟୀମାନେ ମତ ପ୍ରଦାନ କରଥାନ୍ତି । ଯେ ପ୍ରକୃତ ଭାବେ ଶୁଖାଯାଇଥିବା ପତ୍ରକୁ ତିନି ବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ କରିବାରେ କୌଣସି ଅସୁବିଧା ନାହିଁ ।

ବର୍ଷା ଋତୁ ଶେଷ ଓ ଶୀତ ଋତୁ ଆରମ୍ଭରେ ପତ୍ରଗୁଡ଼ିକ ଅପେକ୍ଷାକୃତ ମୋଟା ଓ ବଡ଼ ଆକାରର ଥାଏ । ଏହି ପତ୍ର ଅଧିକ ଦିନ ଧରି ସଂରକ୍ଷିତ କରି ରଖାଯାଇପାରେ ଏବଂ ଏହି ପତ୍ରର ଦାମ୍ ମଧ୍ୟ ଅଧିକ ହୋଇଥାଏ ।

### ଖଲି ଓ ଦନା ସିଲାଇ

ପତ୍ର ଶୁଖିଗଲାପରେ ତାହାକୁ ଖଲି ଓ ଦନାରେ ପରିଣତ କରାଯାଇଥାଏ ପୂର୍ବରୁ ବାଉଁଶ ଖଡ଼ିକା ଓ ଖଜୁରୀ କାଠିରେ ଖଲି ସିଲାଯାଉଥିଲା । କିନ୍ତୁ ବର୍ତ୍ତମାନ ଖଡ଼ିକାରେ ସିଲାଯାଇଥିବା ଖଲିର ପ୍ରାୟତଃ ଆଦର ନଥିବାରୁ ସିଲାଇ ହୋଇଥିବା ଖଲିର ଆଦର ବଢ଼ି ଚାଲିଛି । ତେଣୁ ପୂର୍ବଭଳି ଆଉ ଖଡ଼ିକା ବା କାଠିରେ ଖଲି ସିଲାଯାଉନାହିଁ । ଖଲି ପତ୍ର ସହିତ ମୋଟା କାଗଜକୁ ଯୋଡ଼ି ଖଲି ସିଲାଯାଇ ପାରୁଛି ଏବଂ ଏହାର ଦାମ ମଧ୍ୟ ଅଧିକ ରହୁଛି ।

ମହିଳାମାନେ ମୁଖ୍ୟତଃ ଖଲି ଓ ଦନା ସିଲାଇ କରୁଥିବାବେଳେ ପୁରୁଷମାନେ ମଧ୍ୟ ସେଥିରେ ସହାୟତା କରିଥାନ୍ତି । ତେବେ ମହିଳାମାନେ ଅଳ୍ପ ପତ୍ରରେ ସୁନ୍ଦର ଖଲି ତିଆରି କରିପାରୁଥିବାବେଳେ ପୁରୁଷମାନେ ଅଧିକ ପତ୍ରର ବ୍ୟବହାର କରିଥାନ୍ତି । ଖଲି ଓ ଦନା ତିଆରି କରିସାରିବା ପରେ ତାହାକୁ ଆକର୍ଷଣୀୟ କରିବା ଲାଗି ସାଇଜ୍ କରିଦିଆଯାଇଥାଏ । ଏଥିଲାଗି ମୁଖ୍ୟତଃ ମେସିନର ସାହାଯ୍ୟ ନିଆଯାଇଥାଏ ଓ ମେସିନ୍ ଦ୍ୱାରା ବିଭିନ୍ନ ଆକାର ମଧ୍ୟ ଦିଆଯାଇଥାଏ । ପତ୍ରର ଆକାର ଠିକ୍



ରଖିବା ଲାଗି ଥାକ ଥାକ କରି ରଖାଯାଇଥାଏ ଏବଂ ପ୍ରତେକ ଖଲି ମଝିରେ ପତଳା ଜରି ଦିଆଯାଇ ଉତ୍ତାପଯୁକ୍ତ ତାପ ପ୍ରୟୋଗ କରାଯାଇଥାଏ ।

### ପତ୍ରକୁ ନେଇ ପଇସା

ଶିଆଳୀପତ୍ରକୁ ଗୁଣମାନ ଅନୁଯାୟୀ ୨ଟି ଗ୍ରେଡ଼ରେ ବ୍ୟବହାର କରାଯାଇଥାଏ । ତେବେ ବ୍ୟବସାୟୀମାନେ ଏହାକୁ କାଟି ତିନୋଟି ଗ୍ରେଡ଼ ବୋଲି ଧରିଥାନ୍ତି । ପ୍ରଥମ ଗ୍ରେଡ଼ର ପତ୍ର ମୋଟା, ନରମ ଓ ସବୁଜ ରଙ୍ଗର

ଝାର୍‌ଦାବ୍



ହୋଇଥିଲାବେଳେ ଏହାକୁ ଅଧିକ ଦିନ ଧରି ସଂରକ୍ଷିତ ରଖାଯାଇପାରେ । ଦ୍ୱିତୀୟ ଗ୍ରେଡ଼ର ପତ୍ର ପତଳା ଓ ସବୁଜ ମିଶା ଧୂସର ରଙ୍ଗର ହୋଇଥାଏ । ତେବେ ତୃତୀୟ ଗ୍ରେଡ଼ର ପତ୍ର ସବୁଠାରୁ ଶସ୍ତା ଯାହା ବଜାରରେ ମାଛ ଦୋକାନ, ପାନ ଦୋକାନ, ଫୁଲ ଦୋକାନ ଓ ହୋଟେଲ ମାନଙ୍କରେ ଦେଖିବାକୁ ମିଳିଥାଏ ।

ପ୍ରଥମ ଦୁଇଟି ଗ୍ରେଡ଼ର ପତ୍ରକୁ ଖଲି ଓ ଦନା ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ । ଏକ ହିସାବ ଅନୁଯାୟୀ ସାଧାରଣ ଖଲିକୁ ବିଚାରକୁ ନେଲେ ମେସିନ୍ ସିଲାଇ, ଶ୍ରମିକ,ବିଦ୍ୟୁତ୍, ରକ୍ଷଣା ବେକ୍ଷଣ ଆଦି ସବୁ ମିଶି ଖଲି ପିଛା ୫୦ରୁ ୫୫ ପଇସା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ ଏବଂ ବଜାରରେ ତା'ହା ୬୦ରୁ ୬୫ ପଇସା ଖଣ୍ଡ ପିଛା ବିକ୍ରି ହୋଇଥାଏ । କିନ୍ତୁ ସ୍ୱତନ୍ତ୍ର ଖଲି କଥା ବିଚାରକୁ ନେଲେ ମୋଟା କାଗଜ ଓ ଭଲ ପତ୍ର ହିଁ ଫରକ ଆଣିଥାଏ । ଗୋଟିଏ ସ୍ୱତନ୍ତ୍ର ଖଲି ଲାଗି ୧.୫୦ ରୁ ୧.୬୦ ପଇସା ଖର୍ଚ୍ଚ ହୋଇଥାଏ ଯାହା ବଜାରରେ ୧.୮୦ ପଇସାରେ ବିକ୍ରି ହୋଇଥାଏ ।

ସେହିପରି ଦନା ପ୍ରସ୍ତୁତ ଲାଗି ମହିଳାମାନେ ସାଧାରଣତଃ ବଡ଼ପତ୍ର ବ୍ୟବହାର କରିନଥାନ୍ତି । ସେମାନେ ଛୋଟପତ୍ରକୁ ଖଞ୍ଜି ସିଲାଇ କରି ଦନା ପ୍ରସ୍ତୁତ କରିଥାନ୍ତି । ଗୋଟିଏ ଦନା ପ୍ରସ୍ତୁତିଲାଗି ୧୦ ପଇସା ଖର୍ଚ୍ଚ ହେଉଥିବାବେଳେ ତାହା ବଜାରରେ ୧୫ ପଇସାରେ ବିକ୍ରି ହୋଇଥାଏ ।

**ତାଲିମ ଓ ସହଯୋଗ**

ସମବାୟ ଅଞ୍ଚଳ ରେ ଥିବା ସମବାୟ ସମିତିଗୁଡ଼ିକୁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଖଲି ଓ ଦନା ସିଲାଇ ଲାଗି ତାଲିମ ଦିଆଯାଉଛି । ଆମ ରାଜ୍ୟରେ ଓରମାସ, ଲ୍ୟାମ୍ପ ଆଦି ସଂସ୍ଥାଗୁଡ଼ିକ ଖଲି ଓ ଦନା ସିଲାଇ ଲାଗି ତାଲିମ ପ୍ରଦାନରେ ଅଗ୍ରଣୀ ଥିବାବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମଧ୍ୟ ଏଦିଗରେ ନିଜର କାର୍ଯ୍ୟ ଚଳାଇ ଆସୁଛନ୍ତି । ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମବାୟ ଗୋଷ୍ଠୀ ଗଠନକୁ ସିଲାଇ ମେସିନ୍ ଓ ତାଲିମ୍ ପ୍ରଦାନ କରୁଛି । ସରକାରଙ୍କ ଦ୍ୱାରା ମେସିନ୍ ଆଦି କିଣିବା ଲାଗି ସମିତିଗୁଡ଼ିକୁ ଋଣ ସୂତ୍ରରେ ଅର୍ଥ ଯୋଗାଇ ଦିଆଯାଇଛି ।

**ସରକାରୀ ନୀତି**

ଦେଶ ସ୍ୱାଧୀନ ହେବା ପରେ ଅନେକ ବର୍ଷ ପର୍ଯ୍ୟନ୍ତ ଶିଆଳୀ ପତ୍ର ର ବ୍ୟବସାୟ କେବଳ ନିଲାମ ଓ ପରମିଟ୍ ବ୍ୟବସ୍ଥାରେହିଁ ଚାଲିଥିଲା । ୧୯୫୦ ମସିହାରେ ଟିକାବାଲି ଏଜେନ୍ସିକୁ ଶିଆଳୀ ପତ୍ର ସଂଗ୍ରହ ଲାଗି ଦିଆଯାଇଥିଲା । ଏହାର କିଛି ବର୍ଷପରେ ଟି.ଡ଼ି.ସି.ସି. ଓ ଓ.ଏଫ୍.ଡ଼ି.ସି କୁ ମିଶାଇ ମୋଟ ୨୩ଟି ଜଙ୍ଗଲ ଡ଼ିଭିଜନକୁ ଲିଜ୍ ଦିଆଯାଇଥିଲା । ୨୦୦୦ ମସିହାରେ ନୂତନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆଇନ ପ୍ରଣୟନ ହେବାପରେ ଶିଆଳୀ ପତ୍ର ସମେତ ୬୯ଟି ବନଜାତ ଦ୍ରବ୍ୟର ବ୍ୟବସାୟ ଓ ପରିଚାଳନା ସମ୍ବନ୍ଧୀୟ ଅଧିକାର ଗ୍ରାମପଞ୍ଚାୟତକୁ ପ୍ରଦାନ କରାଯାଇଛି ।

**ପତ୍ର ଉତ୍ପାଦନ ହ୍ରାସ କାହିଁକି ?**

କ୍ରମାଗତ ଭାବେ ଶିଆଳୀ ପତ୍ରର ଉତ୍ପାଦନ ପରିମାଣ କମିକମି ଯାଉଛି । ଏହାର ମୁଖ୍ୟ କାରଣ ହେଲା ଜଙ୍ଗଲ କ୍ଷୟ ଓ ସହନଶୀଳ ଅମଳ ପ୍ରକ୍ରିୟା ସମ୍ବନ୍ଧୀୟ ଜ୍ଞାନ ପ୍ରୟୋଗର ଅଭାବ । ପୂର୍ବରୁ ଅଧିକ ଜଙ୍ଗଲ ଥିଲା । ସେତେବେଳେ ଶିଆଳୀ ପତ୍ରର ଆବଶ୍ୟକତା ଅଧିକ ନଥିବାରୁ ସଂଗ୍ରହ ମଧ୍ୟ ଅଧିକ ନଥିଲା । ଫଳରେ ଲତାଗୁଡ଼ିକୁ ଅଧିକ ଦେଖିବାକୁ ମିଳୁଥିଲା । କିନ୍ତୁ ସମୟାନୁକ୍ରମେ ଶିଆଳୀ ପତ୍ରର ଆବଶ୍ୟକତା ବଢ଼ିବା, ତାହାର ବ୍ୟବସାୟୀକରଣ ହେବା, ଶିଆଳୀ ପତ୍ରକୁ ଜୀବନଜୀବିକା ତଥା ରୋଜଗାରର ମାଧ୍ୟମ ରୂପେ ଗ୍ରହଣ କରିବାର ପ୍ରକ୍ରିୟା ଅଧିକ ହେବାରେ ଲାଗିଥିବାରୁ ଶିଆଳୀର ସଂଗ୍ରହ ଉପରେ ଅଧିକ ଚାପ ଆସୁଅଛି । ସେହିପରି ଅଳ୍ପ ସମୟ ମଧ୍ୟରେ ଅଧିକ ପତ୍ର ସଂଗ୍ରହ କରିବାର ମାନସିକତା ଲତାର କ୍ଷୟ କରୁଅଛି ।

ଅନେକ ମତ ଦିଅନ୍ତି ଯେ ନୂଆ ଶାଖା ବା ଲତାରେ ଧରିଥିବା ପତ୍ରକୁ ପାକଳ ହେବା ପୂର୍ବରୁ ଯଦି ତୋଳି ଦିଆଯାଏ, ତେବେ ଲତା ଉପରେ ଏହାର ପ୍ରଭାବ ପଡ଼ିଥାଏ ଏବଂ ଲତା ଶକ୍ତ ହୋଇପାରିନଥାଏ । ଏହି ଲତାରେ ପତ୍ର ଧରିବାର କ୍ଷମତା କମିକମି ଯାଏ । ଏପରିକି ଲତାଟି ରୁଗ୍‌ଣ ହୋଇ ଶୁଖି ମରିଯାଇଥାଏ । ସେହିଭଳି ଅଧିକ ସଂଗ୍ରହ ଲାଗି ମୂଳ ହାଣି ଦେବା ଦ୍ୱାରା ଆଉ ପତ୍ର ମିଳିନଥାଏ । ଏହି ଭଳି ଯଦି କେତୋଟି ଲତାର ମୂଳକୁ ହାଣିଦିଆଯାଏ ତେବେ ତାହାର ପ୍ରଭାବ ଅନ୍ୟ ଲତା ବୁଦାଗୁଡ଼ିକ ଉପରେ ପଡ଼େ ଯାହାଫଳରେ ଉକ୍ତ ବୁଦାରୁ ଅଧିକ ପତ୍ର ସଂଗ୍ରହ କରାଯାଇଥାଏ । ସେହିଭଳି ଜଙ୍ଗଲରେ ନିଆଁ ଲଗାଇ ଦେବା ଦ୍ୱାରା ଶିଆଳୀ ଲତା ପୋଡ଼ିଯାଏ ଓ ମରିଯାଏ । ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଫୁଲଝାଡ଼ୁ ମୁଠା ବାନ୍ଧିବା ଲାଗି ଶିଆଳୀ ଛାଲି ସଂଗ୍ରହ କରାଯାଇଥାଏ । ଅନେକ ଛାଲି ସଂଗ୍ରହବେଳେ ଲତାରୁ ସମ୍ପୂର୍ଣ୍ଣ ଭାବେ ଛାଲି କାଢ଼ି ଆଣିଥାନ୍ତି, ଯାହା ଫଳରେ ଲତାଟି ମରିଯାଇଥାଏ ।

ସେହି ଭଳି ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ମଧ୍ୟରେ କରାଯାଉଥିବା କ୍ଲିନିଂ ଓ ଥିନିଂ ପ୍ରଣାଳୀ ଶିଆଳୀ ଲତା ଲାଗି କାଳ ହେଉଛି । ଜଙ୍ଗଲରୁ କାଠ ଗଡ଼/ ଗୋଲା ଉତ୍ପାଦନ କରିବା ଲାଗି କରାଯାଉଥିବା ଏହି ପ୍ରକ୍ରିୟାରେ ଅନେକ ଶିଆଳୀ ଲତା ତଥା ବନୌଷଧିଗୁଡ଼ିକ ନଷ୍ଟ ହୋଇଯାଉଛି । କ୍ଲିନିଂରେ ଶିଆଳୀ ଲତାର ମୂଳ ହଣାଯାଉଥିବା ବେଳେ ଥିନିଂରେ ଶିଆଳୀ ତଥା ଅନ୍ୟାନ୍ୟ ଲତା ମାଡ଼ିଥିବା ଡାଳ ଗୁଡ଼ିକୁ ହାଣିଦିଆଯାଉଛି । ଫଳରେ ଜଙ୍ଗଲ ଅଞ୍ଚଳରୁ ଶିଆଳୀ ଲତା କ୍ରମଶଃ ହ୍ରାସ ପାଇବାରେ

ଲାଗିଛି । ପତ୍ରର ଉତ୍ପାଦନ ତଥା ସଂଗ୍ରହ ଉପରେ ଏହା କୁ-ପ୍ରଭାବ ପକାଉଛି । ବର୍ତ୍ତମାନ ପ୍ରାକୃତିକ ଜଙ୍ଗଲର ଅଭାବ ଦେଖାଦେବାରେ ଲାଗିଛି । ଜଙ୍ଗଲରେ ମିଶ୍ରିତ ଗଛ ଅପେକ୍ଷା ବନବିଭାଗ ଦ୍ୱାରା ଲଗାଯାଉଥିବା ଶାଗୁଆନ୍, ଆକାଶିଆ ଓ ୟୁକାଲପଟାସ୍ ପ୍ରଭୃତି ଗଛ ଦ୍ୱାରା ଶିଆଳି ଲତାର ଅଭିବୃଦ୍ଧି ହୋଇପାରୁନାହିଁ । ସେହିଭଳି ଜଙ୍ଗଲରେ ଲାଗି ଯାଉଥିବା ନିଆଁ ମଧ୍ୟ ଶିଆଳୀ ଲତା କ୍ଷୟର ଅନ୍ୟ ଏକ କାରଣ ।

## ଉତ୍ପାଦନ ବଢ଼ିବ କିପରି ?

ଉପର ଲିଖିତ କେତେକ କାରଣ ଶିଆଳୀ ଲତାର କ୍ଷୟ ଲାଗି ଦର୍ଶାଯାଇଥିଲା ଯାହାର ନିରାକରଣ ନିହାତି ଆବଶ୍ୟକ ହୋଇପଡ଼ିଛି । ଦେଖାଯାଉଥିବା କେତେକ ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ହେଲା ଜଙ୍ଗଲ କ୍ଷୟ ଓ ସହନଶୀଳ ଅମଳ ଜ୍ଞାନର ଅଭାବ । ତେଣୁ ସହନଶୀଳ ଅମଳ ଲାଗି ସ୍ଥାନୀୟ ପାରମ୍ପରିକ ଜ୍ଞାନ କୌଶଳକୁ ବ୍ୟବହାର କରିବାକୁ ପଡ଼ିବ । ଶିଆଳୀ ଲତାରୁ ପତ୍ର ତୋଳିଲା ବେଳେ ଲତାର ବୟସ ଓ ସ୍ୱାସ୍ଥ୍ୟକୁ ଦେଖି ସେଥିରୁ କେତେପରିମାଣର ପତ୍ର ସଂଗ୍ରହ କରାଯାଇପାରିବ ବା କେତୋଟି ପତ୍ର ସଂଗ୍ରହ ଉପଯୋଗୀ ସେହି ଅନୁଯାୟୀ ସଂଗ୍ରହ କରାଯିବା ଦରକାର । ଗୋଟିଏ ଶିଆଳୀ ବୁଦାରୁ ମାସକୁ ଦୁଇଥର ପତ୍ର ସଂଗ୍ରହ କରାଯିବା ହେଉଛି ସହନଶୀଳ ସଂଗ୍ରହ ପ୍ରକ୍ରିୟାର ଅନ୍ୟ ଏକ ଉଦାହରଣ । ସଂଗ୍ରହ ଲାଗି ଲତା ହାଣିବା ଆଦୌ ଉଚିତ୍ ନୁହେଁ । ସେହି ଭଳି ଅଧିକ ଅମଳ ଲାଗି ନିଆଁ ଲଗାଇବାରୁ ବିରତ ରହିବା ଉଚିତ୍ ।

## ଶିଆଳୀ ପତ୍ର ତୋଳାଳୀ ସଂଘ

କେନ୍ଦୁ ପତ୍ର ବ୍ୟବସାୟ ଲାଗି କେନ୍ଦୁପତ୍ର ତୋଳାଳୀ ସଂଘ, ବାଉଁଶ ବ୍ୟବସାୟ ଲାଗି ବାଉଁଶ କର୍ମଚାରୀ ସଂଘ ଆଦି ଗଠିତ ହୋଇଛି । ସେହିଭଳି ଶିଆଳୀ ପତ୍ରର ବ୍ୟବସାୟ ତଥା ସଂଗ୍ରହ ଲାଗି ଶିଆଳୀ ପତ୍ର ଉପଲବ୍ଧ ହେଉଥିବା ଗ୍ରାମାଞ୍ଚଳରେ ସଂଘ ଗଠନ ହେବା ଉଚିତ୍ । ଏହି ସଂଘରେ ଶିଆଳୀ ପତ୍ର ଉପରେ ନିର୍ଭର କରୁଥିବା ପ୍ରାଥମିକ ସଂଗ୍ରହକାରୀ ଓ ସିଲାଇ କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ସଭ୍ୟ ଭାବେ ଗ୍ରହଣ କରାଯିବା ଆବଶ୍ୟକ । ଏହା ବ୍ୟତୀତ ସଂଗ୍ରହକାରୀମାନଙ୍କୁ ସହନଶୀଳ ଅମଳ ଜ୍ଞାନ ବିଷୟରେ ତାଲିମ୍ ଦିଆଯିବା ସହିତ ନିଜ ଅଞ୍ଚଳରେ ଶିଆଳୀ ବୁଦା ର ସଂଖ୍ୟା ବୃଦ୍ଧି କରିବା ଲାଗି ଚେଷ୍ଟା କରାଯିବା ଆବଶ୍ୟକ ବୋଲି ଅନେକେ ମତାମତ ଦେଇଥାନ୍ତି ।

ପ୍ରାଥମିକ ସଂଗ୍ରହକାରୀଙ୍କ ଅର୍ଥ ନୈତିକ ବିକାଶ ପାଇଁ ସଭ୍ୟମାନଙ୍କୁ ଖଲି ଓ ଦନା ସିଲାଇ ତାଲିମ ଦିଆଯିବା ଉଚିତ୍ ବୋଲି ଅନେକ ସମୟରେ ଶିଆଳୀ ପତ୍ର ତୋଳାଳୀମାନେ ମତ ଦେଇଥାନ୍ତି । ଯାହାଦ୍ୱାରା ସଂଘର ସଭ୍ୟମାନେ ପତ୍ର ସଂଗ୍ରହ, ଖଲି ଓ ଦନା ସିଲାଇ କରି ଅର୍ଥ ରୋଜଗାର କରିପାରିବେ । ଏହି ସଂଘଗୁଡ଼ିକ କାର୍ଯ୍ୟକରୁଥିବା ଗ୍ରାମମାନଙ୍କର ଶିଆଳୀ ଖଲି ଓ ଦନା ସିଲାଇ କେନ୍ଦ୍ର ରହିବା ସହିତ ଗୋଦାମ ଘର ରହିବା ଆବଶ୍ୟକ । ଯାହା ଦ୍ୱାରା ସଭ୍ୟମାନେ ସଂଗୃହିତ ପତ୍ରକୁ ସିଲାଇ କରିବା ସହିତ ଖଲି ଓ ଦନାକୁ ସାଇତି ରଖିପାରିବେ ଏବଂ ବଜାରକୁ ଦେଖି ନିଜ ଜିନିଷର ବିକ୍ରି ବଟା



କରି ଲାଭବାନ ହୋଇପାରିବେ । ଏହା ସହିତ ନିଜ ଅଞ୍ଚଳର ଶିଆଳୀ ବୁଦାଗୁଡ଼ିକର ସଂଖ୍ୟା ବୃଦ୍ଧି କରି ଉତ୍ପାଦନର ମାତ୍ରାକୁ ବଢ଼ାଇପାରିବେ । ଏହା ଦ୍ୱାରା ଶିଆଳୀ ଲତା ବୃଦ୍ଧି ପାଇବା ସହିତ ଅଧିକ ପତ୍ର ଉତ୍ପାଦନ ହୋଇପାରିବ ।

ସେହି ଭଳି ଜଙ୍ଗଲ ବିଭାଗ ଦ୍ୱାରା କରାଯାଉଥିବା ଥିନିଂ ଓ କ୍ଲିନିଂ ପ୍ରକ୍ରିୟାରେ ପରିବର୍ତ୍ତନ ଆବଶ୍ୟକ । ଜଙ୍ଗଲରେ ଦେଖାଯାଉଥିବା ଶିଆଳୀ ଲତା ତଥା ମୂଲ୍ୟବାନ ଔଷଧୀୟ ଗୁଳ୍ମଗୁଡ଼ିକର ସୁରକ୍ଷା କରିବା ଉଚିତ୍ । ଏହାଦ୍ୱାରା ଜଙ୍ଗଲ ଭଲବଢ଼ିବା ସହିତ ଶିଆଳୀ ଲତା ବଢ଼ିପାରିବ ଏବଂ ଅଧିକ ପତ୍ର ଉତ୍ପାଦନ ହୋଇପାରିବ । ଯାହା ପ୍ରାଥମିକ ସଂଗ୍ରହକାରୀଙ୍କୁ ସେମାନଙ୍କର ଜୀବନ ଜୀବିକାରେ ସାହାଯ୍ୟ କରିପାରିବ ବୋଲି ଆଶା କରାଯାଇପାରେ ।

## ଟି.ଡି.ସି.ସି. ଦ୍ୱାରା ଶିଆଳୀ ପତ୍ରର ବ୍ୟବସାୟ

| ଦ୍ରବ୍ୟ | ୨୦୦୦-୦୧ | | ୦୧-୦୨ | | ୦୨-୦୩ | | ୦୩-୦୪ | | ୦୪-୦୫ | |
|---|---|---|---|---|---|---|---|---|---|---|
| ଶିଆଳୀ ପତ୍ର (ଚକି) | ୨୮୬୧୮୭.୦୦ | ୧୯.୯୭ | ୦.୦ | ୦.୦ | ୦.୦ | ୦.୦ | ୦.୦ | ୦.୦ | ୦.୦ | ୦.୦ |
| ଶିଆଳୀ ପତ୍ର (ଖୋଲା) | ୪୧୧୭.୩୪ | ୨୨.୭୮ | ୩୧୯୩.୫୮ | ୨୦.୩୦ | ୧୦୪୩.୦୦ | ୬.୪୧ | ୬୦୦.୦୦ | ୦.୦୪ | ୨.୧୭ | ୦.୦୧ |
| ଶିଆଳୀ (ଯୋଡ଼ା ପତ୍ର) | ୦୦.୦୦ | ୦.୦ | ୦.୦ | ୦.୦ | ୨୭୮୦.୦୦ | ୦.୦୨ | ୦.୦ | ୦.୦ | ୦.୦ | ୦.୦ |
| ଶିଆଳୀ ଖଲି | ୭୬୮୫.୦୦ | ୦.୧୨ | ୦.୦ | ୦.୦ | ୨୩.୨୩୦ | .୦୩ | ୦.୦ | ୦.୦ | ୦.୦ | ୦.୦ |
| ଶିଆଳୀ ଫାଇବର | ୧୩୭.୩୫ | ୧.୨୪ | ୦.୦ | ୦.୦ | ୦.୦ | ୦.୦ | ୦.୦ | ୦.୦ | ୦.୦ | ୦.୦ |

ଉତ୍ସ: ଟି.ଡ଼ି.ସି.ସି. କାର୍ଯ୍ୟାଳୟ, ଭୁବନେଶ୍ୱର

# ଶତାବରୀ

ଶତାବରୀ ଏକ ଉଷ୍ମମଣ୍ଡଳୀୟ ଲତା । ଏହା ଏସିଆ, ଆଫ୍ରିକା ଆଦି ମହାଦେଶମାନଙ୍କରେ ଦେଖାଯାଇଥାଏ । ଆମ ଦେଶ, ଭାରତର ପ୍ରାୟ ସମସ୍ତ ବିଶେଷ କରି ଉଷ୍ମମଣ୍ଡଳୀୟ ରାଜ୍ୟମାନଙ୍କରେ ବହୁଳ ଭାବେ ଦେଖାଯାଇଥାଏ ।

ଓଡ଼ିଶାରେ ନୟାଗଡ଼, କଳାହାଣ୍ଡି, ମୟୂରଭଞ୍ଜ, ଫୁଲବାଣୀ, କେନ୍ଦୁଝର, ନୂଆପଡ଼ା, ମାଲକାନାଗିରି, ଗଜପତି ଏବଂ ଢେଙ୍କାନାଳ ପ୍ରଭୃତି ଅଞ୍ଚଳର ଜଙ୍ଗଲମାନଙ୍କରେ ଶତାବରୀ ଦେଖିବାକୁ ମିଳିଥାଏ ।

ଶତାବରୀ ଲତା ୩୦ – ୩୫ ଫୁଟ ପର୍ଯ୍ୟନ୍ତ ଲମ୍ବା ହେବା ସହ ତାହାର ପତ୍ରଗୁଡ଼ିକ ସରୁ ଏବଂ ଗୋଛା ଗୋଛା ହୋଇ ରହିଥାଏ । ଏହି ପତ୍ରକୁ ଇଂରାଜୀରେ କ୍ଳାଡ଼ୋଫାଇଲସ୍ କୁହନ୍ତି । ପତ୍ର ଝଡ଼ିବା ସମୟରେ ଏଥିରେ ପ୍ରଚୁର ସୁବାସିତ ଧଳା ଫୁଲ ଫୁଟିଥାଏ । ଏହା ଏକ ଅତି ଉପାଦେୟ ଔଷଧୀୟ ବୃକ୍ଷ ହୋଇଥିବାରୁ ବର୍ତ୍ତମାନ ଏହାର ଋଷ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ।

## ଶତାବରୀ ଚାଷ ପ୍ରଣାଳୀ

### *ମାଟି*

ଶତାବରୀ ଋଷ ପାଇଁ ମାଟିର ଭୂମିକା ଅଧିକ । କାରଣ ଶତାବରୀର ମୁଖ୍ୟ ଅଂଶ ହେଉଛି ଚେର । ଏହି ଚେର ମାଟିରେ ପ୍ରାୟ ୬ରୁ ୯ ଇଞ୍ଚ ପର୍ଯ୍ୟନ୍ତ ବଢ଼ିଥାଏ । ରାଜସ୍ଥାନର ବାଲିଆ ମାଟିରେ ବେଳେ ବେଳେ ଏହି ଚେର ଦେଢ଼ ଫୁଟ ପର୍ଯ୍ୟନ୍ତ ଗଭୀରକୁ ଯାଇଥାଏ । ଏହି ଗଛ ସାଧାରଣତଃ ୭ ରୁ ୮ ପର୍ଯ୍ୟନ୍ତ ପି.ଏଚ୍.ମାନ ବା ସାମାନ୍ୟ କ୍ଷାରି ଯୁକ୍ତ ମଧ୍ୟମ ଧରଣର କଳା ପଟୁମାଟି, ଚିକିଟା ମାଟି ଓ ବାଲିଆ ଦୋରସା ମାଟିରେ ବଢ଼ିଥାଏ । ତେବେ ଏହା ହାଲୁକା ମାଟିରେ ଅପେକ୍ଷାକୃତ ଭଲ ବଢ଼ିଥାଏ ଏବଂ ଉପାଡ଼ିବା ସମୟରେ ଚେର କ୍ଷତିଗ୍ରସ୍ତ ହୁଏନାହିଁ ।

### ଜଳବାୟୁ

ଏହି ଗଛ ଉଭୟ ଉଷ୍ଣ ଓ ଆର୍ଦ୍ର ଜଳବାୟୁରେ ଭଲ ବଢ଼ିଥାଏ । ୧୦° ସେଣ୍ଟିଗ୍ରେଡ୍‌ରୁ ୨୦ ° ସେଣ୍ଟିଗ୍ରେଡ୍ ତାପମାତ୍ରା ମଧ୍ୟରେ ତାପମାତ୍ରା ଏବଂ ବାର୍ଷିକ ୫୦୦ ମିଲିମିଟରରୁ ୧୦୦୦ ମିଲିମିଟର ବର୍ଷା ହେଉଥିବା ଅଞ୍ଚଳରେ ଶତାବରୀ ଭଲ ଭାବରେ ବଢ଼ିଥାଏ । ତେବେ ଅତ୍ୟଧିକ ଥଣ୍ଡା ଅଞ୍ଚଳରେ ଶତାବରୀ ଆଦୌ ବଢ଼ିପାରେନାହିଁ ।

### ଜମି ପ୍ରସ୍ତୁତି

ଶତାବରୀକୁ ଅନ୍ୟୁନ ୨୪ ମାସରୁ ୩୬ ମାସର ଫସଲ ରୂପେ ଋଷ କରାଯାଇଥାଏ । ଅନେକ ସମୟରେ ୩୬ ରୁ ୪୦ ମାସ ମଧ୍ୟରେ ଏହାର ଅମଳ ହୋଇଥାଏ । ଏହାକୁ ସମତଳ ଜମିରେ ମଧ୍ୟ ଋଷ କରାଯାଇପାରିବ । ସେଥିପାଇଁ ଋଷ କରିବା ପୂର୍ବରୁ ଜମିକୁ ଭଲ ଭାବରେ ପ୍ରସ୍ତୁତ କରିନେବା ଦରକାର । ମଇ–ଜୁନ୍ ମାସରେ ଜମିକୁ ଗଭୀର ଭାବରେ ହଳ କରି ଏକର ପ୍ରତି ପ୍ରାୟ ୭–୮ ଟନ ଗୋବର ବା କମ୍ପୋଷ୍ଟ ଖତ ମିଶାଇ ଦିଆଯାଏ । ତେବେ ଉତ୍କୃଷ୍ଟ ଚେର ଅମଳ କରିବା ପାଇଁ ଗୋବର ମିଶାଇବା ପରେ ଆଉଥରେ ହଳକରି ସିଆର ପ୍ରସ୍ତୁତ କରିବା ଫସଲ ପାଇଁ ଭଲ ହୋଇଥାଏ । ଗଛକୁ ଗଛ ୬୦–୬୦ ସେଣ୍ଟିମିଟର ଦୂରତା ରଖି ୯ ଇଞ୍ଚ ଉଚ୍ଚା ହିଡ଼ ବନାଇ ଦେବା ଉଚିତ୍ ।

### ବଂଶବୃଦ୍ଧି

ଶତାବରୀର ବଂଶ ବୃଦ୍ଧି ଉତ୍ତମ ମଞ୍ଜି ଏବଂ ପୁରୁଣା ଗଛର କନ୍ଦରୁ ହୋଇଥାଏ । ବେଳେ ବେଳେ ପୁରୁଣା ଗଛର ମୂଳରୁ ବାହାରିଥିବା ଛୋଟ ଛୋଟ ଗଜା ଦ୍ୱାରା ମଧ୍ୟ ବଂଶ ବୃଦ୍ଧି ହୋଇପାରେ । ଏହି ଛୋଟ ଗଜାକୁ ମୂଳ ଗଛଠାରୁ ଅଲଗା କରି ପଲିଥିନ୍ ବ୍ୟାଗରେ ଲଗାଯାଏ । ୨୫ରୁ ୩୦ ଦିନ ପରେ ଏହି ଗଜାଗୁଡ଼ିକୁ ଜମିରେ ରୋଇ ଦିଆଯାଏ ।

### ତଳି ପ୍ରସ୍ତୁତି ଓ ରୋପଣ

ଶତାବରୀକୁ ବ୍ୟବସାୟିକ ଭାବରେ ଋଷ କରିବା ଆଗରୁ ପ୍ରଥମେ ମଞ୍ଜିରୁ ଋରା ବା ତଳି ପ୍ରସ୍ତୁତ କରାଯାଏ । ଏକ ଏକର ଜମିରେ ଋଷ କରିବାକୁ ହେଲେ ୧୦୦ ବର୍ଗ ଫୁଟର ଏକ କ୍ଷେତ ପ୍ରସ୍ତୁତ କରାଯାଇଥାଏ । ତଳିଘେରାକୁ ଭଲଭାବରେ ଖତ ଆଦି ଦେଇ ପ୍ରସ୍ତୁତ କରାଯାଇଥାଏ । ତେବେ ପରେ ମେ ମାସ ୧୫ ତାରିଖ ପୂର୍ବରୁ କ୍ଷେତରେ ମଞ୍ଜି ବୁଣାଯିବା ଉଚିତ୍ । ସାଧାରଣତଃ ଏକର ପ୍ରତି ୫ କିଲୋଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜି ବୁଣିବା ପରେ ତା'ଉପରେ ଗୋବର ଖତ ମିଶା ମାଟି ପତଳା ଆକାରରେ ଘୋଡ଼ାଇ ଦିଆଯାଏ ଏବଂ ହାଲକା ଭାବରେ ପାଣି ଛିଞ୍ଚାଯାଏ । ୧୦ରୁ ୧୫ ଦିନ ମଧ୍ୟରେ ମଞ୍ଜିଗୁଡ଼ିକ ଅଙ୍କୁରିତ ହୋଇଥାଆନ୍ତି । ଋରା ୪୦ ରୁ ୪୫ ଦିନର ହୋଇଗଲେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଜମିକୁ ଓଦା କରିଦିଆଯାଏ । ଏହାପରେ ତଳିଗୁଡ଼ିକୁ ୬୦ ସେ.ମି. X ୬୦ସେ.ମି. ବ୍ୟବଧାନରେ ଥିବା ହିଡ଼ଗୁଡ଼ିକରେ ଲଗାଯାଇଥାଏ । ଗଛଟି ୪୫ ସେ.ମି. ଉଚ୍ଚତାର ହୋଇଗଲେ ମାଡ଼ିବା ପାଇଁ ବାଉଁଶର ଖୁଣ୍ଟ ପୋତାଯିବା ଆବଶ୍ୟକ ହୋଇଥାଏ ।

### ଘାସ ବଛା

ବର୍ଷା ଋତୁରେ ଶତାବରୀ କ୍ଷେତରୁ ଦୁଇଥର ଅନାବନା ଗଛ ଉପୁଡ଼ା ଯାଏ । ତାପରେ ୨–୩ ମାସରେ ଥରେ ପୁଣି ଘାସ ବାଛିବାକୁ ପଡ଼େ । ଛୋଟ ଛୋଟ ଗଛ ବଢ଼ିବା ସମୟରେ ବାରମ୍ବାର ଅନାବନା ଗଛ ଉପାଡ଼ିବାକୁ ପଡ଼ିଥାଏ । କିନ୍ତୁ ଗଜା



ବାହାରି ଜମିରେ ମାଡ଼ିବା ପରେ ଅନାବନା ଗଛ ବଢ଼ିବା ମନକୁ ମନ କମିଯାଏ । ଅନାବନା ଗଛ ଉପାଡିବା ସମୟରେ ବଢୁଥିବା ଲତାର ଯେପରି କିଛି କ୍ଷତି ନ ହୁଏ ସେଥିପ୍ରତି ନଜର ଦିଆଯିବା ଉଚିତ୍ । ଲତାକୁ ଅନାବନା ଗଛ ଦାଉରୁ ମୁକ୍ତ କରିବାକୁ ମୋଟରେ ପ୍ରାୟ ୬ ରୁ ୮ ଥର ହାତରେ ଅନାବନା ଗଛ ଉପାଡିବା ଆବଶ୍ୟକ ହୋଇଥାଏ ।

**ଜଳସେଚନ**

ଭଲ ଅମଳ ପାଇଁ ଶତାବରୀ ଗଛ ଉତ୍ତମ ଜଳସେଚନ ସହିତ ନିଷ୍କାସନ ପଦ୍ଧତି ମଧ୍ୟ ଆବଶ୍ୟକ କରିଥାଏ । ଚାରା ରୋଇବା ପରେ ସଙ୍ଗେ ସଙ୍ଗେ ଜମିରେ ପାଣି ମଡାଇବା ଆବଶ୍ୟକ । ମାସେ ପର୍ଯ୍ୟନ୍ତ ୪-୬ ଦିନ ଅନ୍ତରରେ ପାଣିଦିଆଯାଏ । ତେବେ ଲକ୍ଷ୍ୟ ରଖିବାକୁ ହେବ , ଯେପରି ଗଛର ମୂଳରେ ପାଣି ଜମା ନ'ହୁଏ । ନଚେତ ମୂଳ ପଚିଯିବାର ସମ୍ଭାବନା ଥାଏ । ବର୍ଷା ଋତୁ ସରିବାପରେ ଶୀତ ଋତୁରେ ଦୁଇଥର ଏବଂ ଗ୍ରୀଷ୍ମ ଋତୁରେ ପ୍ରତି ମାସକରେ ଥରେ ଲେଖାଏଁ ଜଳସେଚନ କରାଯିବା ଆବଶ୍ୟକ ।

**ଗଛର ଯତ୍ନ**

ଶତାବରୀ ଏକ ଲତା ହୋଇଥିବାରୁ ଏହା ଭଲ ବଢ଼ିବା ପାଇଁ ଭାଡ଼ି ଆବଶ୍ୟକ ହୁଏ । ତେଣୁ ଏହି ଲତାର ସାଧାରଣ ବୃଦ୍ଧି ପାଇଁ ୪-୬ ଫୁଟ ଲମ୍ବା ଖୁଣ୍ଟିକୁ ଠେସ ସ୍ୱରୂପ ଦିଆଯାଏ । ବହୁଳ ଭାବରେ ଚାଷ କଲେ ଧାଡ଼ିକୁ ଧାଡ଼ି ଖୁଣ୍ଟ ପୋତି ଭାଡି ପ୍ରସ୍ତୁତ କରି ଗଛଗୁଡ଼ିକୁ ଉକ୍ତ ଭାଡି ଉପରେ ମଡ଼ାଇ ଦିଆଯାଏ ।

**ରୋଗ ଓ ପୋକ**

'ରଷ୍ଟ' ନାମକ ଏକ ଜୀବାଣୁ ଶତାବରୀ ଫସଲର ପ୍ରଧାନ ଶତ୍ରୁ । 'ପକ୍ସିନିଆ ଆସ୍ପାରଗି ନାମକ ଏକ ଇଷ୍ଟ୍' ଜାତୀୟ ମହାମାରୀ ଜୀବାଣୁ ଦ୍ୱାରା ଏହା ହୋଇଥାଏ । ଏହାକୁ ବୋଡ୍ରେକ୍ସ ମିଶ୍ରଣ ଛିଞ୍ଚି ନିୟନ୍ତ୍ରଣ କରାଯାଏ । ସାଧାରଣ ଭାବେ ଦୁଇପ୍ରକାରର କୀଟ ଶତାବରୀ ଗଛକୁ ଆକ୍ରମଣ କରିଥାଆନ୍ତି - ଯଥା କ୍ରିଓରିସ୍ ଆସ୍ପାରଗି ଏବଂ ୧୨ଟି ଚିହ୍ନ ଥିବା ଡ଼ିଓଡ୍ରେସିମ୍ ପୁନେଟୋଟା । ଏହି ପୋକଗୁଡିକ କାଣ୍ଡକୁ ଖାଇ ଗଛକୁ ବହୁତ କ୍ଷତି ପହଞ୍ଚାଇଥାନ୍ତି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଶଙ୍ଖୁଆ ବିଷ ଛିଞ୍ଚିବା ସବୁଠାରୁ ଉତ୍କୃଷ୍ଟ ପ୍ରଣାଳୀ । ଏହି ଦୁଇଟି ଔଷଧ ପ୍ରୟୋଗ ଦ୍ୱାରା ଶତାବରୀ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରାଯାଇପାରିଥାଏ ।

**ଅମଳ**

ଚାରା ଲଗାଇବାର ୨୪ ମାସ ପରେ ଶତାବରୀ ଫସଲ ଅମଳ ହୋଇଥାଏ । କେହି କେହି ଏହାକୁ ୪୦ ମାସରେ ମଧ୍ୟ ଅମଳ କରନ୍ତି । ସାଧାରଣତଃ ଏପ୍ରିଲରୁ ମଇ ମାସ ମଧ୍ୟରେ ଶତାବରୀ ଅମଳ କରାଯାଏ । ତେବେ କେତେକ କ୍ଷେତ୍ରରେ ପତ୍ର ଝଡା ଉପରେ ଅମଳ ସମୟ ନିର୍ଭର କରେ । ପତ୍ର ଝଡ଼ା ପରେ ଚେରଗୁଡିକ ଅମଳ ପାଇଁ ଉପଯୁକ୍ତ ହୋଇଥାଏ । ଏହାପରେ ଚେରଗୁଡ଼ିକୁ ଖୋଳି ସଂଗ୍ରହ କରାଯାଏ । ଖୋଳିବାପୂର୍ବରୁ ଜମିକୁ ଥରେ ଓଦା କରିଦେଲେ ଚେରଗୁଡ଼ିକୁ ଉପାଡ଼ିବା ସହଜ ହୋଇଥାଏ। ଅମଳର ଠିକ୍ ପରେ ପରେ ଧାରୁଆ ଛୁରୀ ଦ୍ୱାରା ଚେରଗୁଡିକର ବକଳ ଛଡା ଯାଏ । କାରଣ ଚେରର ବକ୍କଳଗୁଡ଼ିକ କିଛି ମାତ୍ରାରେ ବିଷାକ୍ତ । ଯଦି ଚେରଗୁଡିକରୁ ଅଳ୍ପ ଦିନ ଭିତରେ ବକ୍କଳ ଛଡା ନଯାଏ ତେବେ ପରେ ବକ୍କଳ ଛଡାଇବା କଷ୍ଟକର ହୁଏ । ଏହି ଅବସ୍ଥାରେ ଚେରଗୁଡ଼ିକୁ ୧୦ ମିନିଟ୍ ଗରମ ପାଣିରେ ରଖିଲେ ବକ୍କଳ ଛଡାଇବା ପାଇଁ ସୁବିଧା ହୁଏ । ବକ୍କଳ ଛଡା ସରିବାପରେ, ଏହାକୁ ଡୀର୍ଘ୍ୟକଭାବେ ଛୋଟ ଛୋଟ ଖଣ୍ଡରେ କଟାଯାଇ ଛାଇରେ ଶୁଖାଯାଇଥାଏ ।

**ଉତ୍ପାଦନ**

ଗୋଟିଏ ଶତାବରୀ ଗଛରୁ ପ୍ରାୟ ୫୦୦ରୁ ୬୦୦ ଗ୍ରାମ ପର୍ଯ୍ୟନ୍ତ ତାଜା ଚେର ଉତ୍ପାଦିତ ହୋଇପାରେ । ଏକ ଏକର ଜମିରୁ ହାରାହାରି ୨୦,୦୦୦ରୁ ୨୫,୦୦୦ କିଲୋଗ୍ରାମ୍‌ର ତାଜା ଚେର ଅମଳ କରାଯାଇ ପାରିବ ବୋଲି ଏକ ଆକଳନ କରାଯାଇଛି । ଏହାକୁ ସଫା କରି ଚୋପା ଛଡ଼ାଇବା ପରେ ୨୦୦୦ରୁ ୨୫୦୦ କିଲୋଗ୍ରାମ୍ (ପ୍ରାୟ ୧୦%) ଶୁଖିଲା ଚେର ଉତ୍ପାଦିତ ହୁଏ । ଏକ ଏକର ଜମିରୁ ପାଖାପାଖି ୨୫ କ୍ୱିଣ୍ଟାଲ ଶୁଖିଲା ଚେର ଅମଳ କରାଯାଏ ।

**ମୋଟ୍ ଆୟ :**

୨୫ କ୍ୱିଣ୍ଟାଲ ଶୁଖିଲା କନ୍ଦ ପାଇଁ କ୍ୱିଣ୍ଟାଲ ପିଛା ଟ୨୦୦୦/- ଦରରେ ମୋଟ ମୂଲ୍ୟ ଟ୫୦,୦୦୦/-

**ଲାଭ :** ଟ.୫୦,୦୦୦-ଟ.୧୯,୫୦୦= ଟ.୩୦,୫୦୦

**ଶେଷକଥା**

ଶତାବରୀ ଏକ ଚାଷ ଉପଯୋଗୀ ଔଷଧୀୟ ଲତା ଅଟେ । ଏହାର ବହୁବିଧ ଔଷଧୀୟ ଗୁଣ ଥିବା କାରଣରୁ ଔଷଧ ପ୍ରସ୍ତୁତିରେ ଏହାର ବହୁଳ ପ୍ରୟୋଗ କରାଯାଉଛି । ତେଣୁ ଏହାର ଚାଷ କଲେ ଚାଷୀର ଆର୍ଥିକ ଅବସ୍ଥାରେ ଉନ୍ନତି ହୋଇପାରିଥାଏ । ତେଣୁ ଏହାର ଚାଷ କରିବା ନିହାତି ଆବଶ୍ୟକ ହୋଇପଡିଛି ।

✦

**ଅର୍ଥନୀତି ( ଏକ ଏକର ଜମିରେ ୨ ବର୍ଷ ଅନ୍ତରରେ ଚାଷ )**

| ବ୍ୟୟ (ଏକରରେ) | | ଟଙ୍କା |
|---|---|---|
| ୧. ଜମି ପ୍ରସ୍ତୁତି | : | ୧୫୦୦/- |
| ୨. ମଞ୍ଜି ବୁଣା | : | ୨୦୦୦/- |
| ୩. ଖତ ଦେବା | : | ୩୦୦୦/- |
| ୪. ଚାରାଉତ୍ପାଦନ | : | ୧୦୦୦/- |
| ୫. ସିଆର ତିଆରି ଓ ରୋଇବା | : | ୧୦୦୦/- |
| ୬. ଖତସାର | : | ୨୦୦୦/- |
| ୭. ଜଳସେଚନ | : | ୩୦୦୦/- |
| ୮. ମହାମାରୀ ଓ ରୋଗ ନିୟନ୍ତ୍ରଣ | : | ୧୫୦୦/- |
| ୯. ଦ୍ୱିତୀୟ ବର୍ଷପାଇଁ ଶସ୍ୟ ସଂରକ୍ଷଣ | : | ୧୫୦୦/- |
| ୧୦. ଚେର ଅମଳ | : | ୨୦୦୦/- |
| ୧୧. ଚେର ଶୁଖାଇବା | : | ୧୦୦୦/- |
| **ମୋଟ** | : | **ଟ ୧୯,୫୦୦/-** |

# ଇନ୍ଦ୍ରମାରିଷ

ଆମର ଆଖପାଖରେ ଅସଂଖ୍ୟ ବୃକ୍ଷଲତା ଭରି ରହିଛି । ଉକ୍ତ ବୃକ୍ଷଲତାଗୁଡ଼ିକ ଚିହ୍ନନଥିବା କାରଣରୁ ହେତୁ କିମ୍ବା ତାହାର ଔଷଧିୟ ବ୍ୟବହାର ଜାଣିନଥିବା ହେତୁ ଆମେ କାଟି ଦେଉ କିମ୍ବା ଉପାଡି ନଷ୍ଟ କରିଦେଇଥାଉ । ଏହା ଫଳରେ ଗଛଟି ମରିଯାଏ ସିନା ହେଲେ କୌଣସି ଲାଭ ମିଳିନଥାଏ ।

ଆମେ କାଟି ଦେଉଥିବା ବା ଉପାଡି ଦେଉଥିବା ଭଳି ଗଛଗୁଡ଼ିକ ମଧ୍ୟରୁ ଇନ୍ଦ୍ରମାରିଷ ଗୋଟିଏ । ଗାଁ ଗହଳିରେ ଏହାକୁ କେତେକ ନାକଚଣା ବୋଲି ମଧ୍ୟ କହିଥାନ୍ତି । ଏହା ରାସ୍ତା କଡ଼ରେ, ଇଟା କାନ୍ଥରେ ଥିବା ଫାଟରେ, ଇଟା ଗଦା ଏବଂ ଖାଲି ସ୍ଥାନମାନଙ୍କରେ ବହୁଳ ଭାବେ ଦେଖିବାକୁ ମିଳିଥାଏ । ଏହା ଔଷଧିୟ ଗୁଣବତ୍ତାରେ ପରିପୂର୍ଣ୍ଣ ଥିବା ଏକ ଉପାଦେୟ ବୃକ୍ଷ । ଏହି ବୃକ୍ଷରୁ ପ୍ରସ୍ତୁତ ଔଷଧ ଶ୍ୱାସ, ନିମୋନିଆ, ବାତ, କର୍ଣ୍ଣ ରୋଗ, ଥଣ୍ଡା, ଚର୍ମ ଓ ଚକ୍ଷୁରୋଗ ଭଳି ଅନେକ ରୋଗକୁ ସହଜରେ ଭଲ କରି ଦେଇଥାଏ । ସେଥିମଧ୍ୟରୁ କେତେକ ରୋଗର ଉପଚାର ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ଶ୍ୱାସରୋଗ ହୋଇଥିଲେ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ ଏବଂ ଛାତିରେ ବେଳେବେଳେ ଯନ୍ତ୍ରଣା ହୋଇଥାଏ । ତେଣୁ କିଛି ଇନ୍ଦ୍ରମାରିଷ ପତ୍ରକୁ ନେଇ ଭଲ ଭାବରେ ଧୋଇବ । ତାପରେ ତାହାକୁ ବାଟି ରସ ବାହାର କରିବ । ଉକ୍ତ ରସକୁ ମହୁ ସହିତ ଦିନକୁ ଥରେ କରି ସେବନ କଲେ ଶ୍ୱାସ ରୋଗ ଭଲ ହୋଇଯାଇଥାଏ ଓ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ମିଳିଥାଏ । ଏହି ଔଷଧ କାଶ ଓ କଫରୋଗ ପାଇଁ ମଧ୍ୟ ଉପାଦେୟ ଅଟେ ।

- କୌଣସି କାରଣରୁ ବାତ ମାରୁଥିଲେ କିମ୍ବା ବାତ କାରଣରୁ ରୋଗୀ ମୂର୍ଚ୍ଛା ହୋଇଯାଉଥିଲେ ଇନ୍ଦ୍ରମାରିଷ ପତ୍ର ରସ ୨/୪ ଗ୍ରାମଚନେଇ ଅଧଗ୍ରାମଚ ଗାଈ ଲହୁଣୀ ସହ ମିଶାଇବ । ଉକ୍ତ ମିଶ୍ରଣକୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଖାଲି ପେଟରେ ସେବନ କରିବ । ଏହିପରି ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ସେବନ କଲେ ମୂର୍ଚ୍ଛା ରୋଗୀର ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ ।

- ଚର୍ମରୋଗ ହୋଇଥିଲେ ପ୍ରତିଦିନ ସକାଳେ ଇନ୍ଦ୍ରମାରିଷ ପତ୍ରର ରସକୁ ୧ ଗ୍ରାମଚ କରି ସେବନ କଲେ ଅଳ୍ପ ଦିନ ମଧ୍ୟରେ ଚର୍ମ ରୋଗ ଭଲ ହୋଇଯାଇଥାଏ ।

- ଦାନ୍ତ ରୋଗ ହୋଇ ମୁହଁରୁ ଦୁର୍ଗନ୍ଧ ବାହାରୁଥିଲେ ଇନ୍ଦ୍ରମାରିଷ ଚେରକୁ ଦାନ୍ତକାଠି କରି ଘଷିବ । ପ୍ରାୟ ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ଏପରି ଘଷିଲେ ମୁହଁର ଦୁର୍ଗନ୍ଧ ଦୂର ହେବା ସହିତ ଦାନ୍ତମୂଳରୁ ରକ୍ତ ପଡିବା, ପୋକ କାଟିବା ଭଳି ଦାନ୍ତ ରୋଗ ଭଲ ହୋଇଥାଏ ।

- କୋଷ୍ଠକାଠିନ୍ୟ ହୋଇଥିଲେ ଇନ୍ଦ୍ରମାରିଷ ଚେର ଓ ପତ୍ରକୁ ଚୂର୍ଣ୍ଣ କରିବ । ଏହି ଚୂର୍ଣ୍ଣରୁ ଅଳ୍ପ ନେଇ ଉଷୁମ ଜଳ ସହିତ କିଛି ଦିନ ନିୟମିତ ସେବନ କଲେ କୋଷ୍ଠକାଠିନ୍ୟ ଭଲ ହୋଇଯାଇଥାଏ ।

- ଯଦି କେହି ବିଷାକ୍ତ ପଦାର୍ଥ ପଦାର୍ଥ ସେବନ କରିଥାଏ, ତେବେ ତୁରନ୍ତ ଇନ୍ଦ୍ରମାରିଷର କଞ୍ଚାପତ୍ରର ରସକୁ ରୋଗୀକୁ ପିଇବାକୁ ଦେବ । ଏହାର କିଛି ସମୟ ପରେ ରୋଗୀ ବାନ୍ତି କରିବା ଆରମ୍ଭ କରିବ । ଯଦି ଆବଶ୍ୟକ ପଡ଼େ ତେବେ ଆଉ ଥରେ ରୋଗୀକୁ ପିଇବାକୁ ଦେବ । ଏହାଦ୍ୱାରା ରୋଗୀର ପେଟରୁ ସବୁ ବିଷାକ୍ତ ପଦାର୍ଥ ବାହାରି ଆସିଥାଏ । କିନ୍ତୁ ଏହାପରେ ତୁରନ୍ତ ଚିକିତ୍ସା କରିବା ନିହାତି ଜରୁରୀ ।

- ବୟସ ହେଲେ ଲୋକମାନଙ୍କର ଆଖିକୁ କମ ଦେଖାଯିବା ଆରମ୍ଭ ହୋଇଥାଏ । ତେଣୁ ସେମାନେ ଇନ୍ଦ୍ରମାରିଷ ପତ୍ରର ରସ ୧ ରୁ ୨ ବୁନ୍ଦା କରି ଆଖିରେ ପକାଇଲେ ଉପକାର ମିଳିଥାଏ । ଏହି ଔଷଧ ଆଖିରେ ପକାଇବା ମାତ୍ରେ ଆଖିରେ ଜଳାପୋଡା ଆରମ୍ଭ ହୋଇଥାଏ । ମାତ୍ର ଅଳ୍ପ କିଛି ସମୟ ମଧ୍ୟରେ ନେନ୍ଦରା ବାହାରିବା ସହିତ ଆଖିକୁ ଖୁବ୍ ଥଣ୍ଡା ଲାଗିଥାଏ । ତେଣୁ ସେଥିପ୍ରତି ଚିନ୍ତା କରିବେ ନାହିଁ ।

- କର୍ଣ୍ଣରୋଗ ହୋଇଥିଲେ ଠିକ୍ ଭାବରେ ଶୁଣାଯାଏନାହିଁ । ତେଣୁ ଇନ୍ଦ୍ରମାରିଷ ପତ୍ର ତୋଳି ଭଲ କରି ଧୋଇ ବାଟିବ । ତାପରେ ତାହାକୁ ଏକ ଚିମୁଟା ଲୁଣ ସହ ମିଶାଇ ଛାଣି କରି ରଖିବ । ଏହି ରସକୁ ଦିନକୁ ୨ ରୁ ୩ ଥର ଦୁଇଟୋପା କରି କାନରେ ପକାଇଲେ କର୍ଣ୍ଣରୋଗ ଭଲ ହୋଇଥାଏ । ତେବେ ଔଷଧ ପକାଇବାର ପରଦିନ କାନ ସଫା କରିବା ଜରୁରୀ ଅଟେ ।

- ଅଶ୍ମରୀ ରୋଗ ହୋଇଥିଲେ କିଛି ଇନ୍ଦ୍ରମାରିଷ ଗଛ ସଂଗ୍ରହ କରି ତାହାକୁ ପୋଡିବ । ପରେ ଉକ୍ତ ପାଉଁଶକୁ କ୍ଷାର ପ୍ରସ୍ତୁତ କରି ଉକ୍ତ କ୍ଷାରକୁ ସକାଳେ ଓ ସନ୍ଧ୍ୟାରେ ୪ ରତି କରି ଗୋକ୍ଷୁର କ୍ୱାଥ ସହ ସେବନ କଲେ କିଛି ଦିନ ମଧ୍ୟରେ ପଥରଟି ଚୂର୍ଣ୍ଣ ହୋଇ ପରିସ୍ରାରେ ବାହରି ଆସିଥାଏ ।

- ସାଇନୋସାଇଟିସ ବା ପିନସ୍ ରୋଗ ହୋଇଥିଲେ କିଛି ଇନ୍ଦ୍ରମାରିଷ ପତ୍ର ନେଇ ଭଲ କରି ଧୋଇବ । ତାପ ଉକ୍ତ ପତ୍ରକୁ ଛେଚି ଉକ୍ତ ରସକୁ ଦିନକୁ ୨/୩ ବୁନ୍ଦା କରି ପ୍ରାୟ ୪ ଦିନ ପର୍ଯ୍ୟନ୍ତ ନାକରେ ପକାଇଲେ ଉକ୍ତ ରୋଗ ଭଲ ହୋଇଯାଇଥାଏ ।

(ସଂଗୃହୀତ)

# ବନଜାତ ଦ୍ରବ୍ୟ ସଂଗ୍ରହ କ୍ୟାଲେଣ୍ଡର

| କ୍ର.ନଂ | ଅଣକାଷ୍ଠ ବନଜାତ ଦ୍ରବ୍ୟର ସ୍ଥାନୀୟ ନାମ | ବୈଜ୍ଞାନିକ ନାମ | ବ୍ୟବହୃତ ଅଂଶ | ଅମଳ ମାସ |
|---|---|---|---|---|
| ୧ | ଅଁଳା | ଏମ୍ଲିକା ଅଫିସିନାଲିସ | ଫଳ | ନଭେମ୍ବର, ଡ଼ିସେମ୍ବର ଓ ଜାନୁଆରୀ |
| ୨ | ହରିଡ଼ା | ଟର୍ମିନାଲିଆ ଚେବୁଲା | ଫଳ | ଡ଼ିସେମ୍ବର ଓ ଜାନୁଆରୀ |
| ୩ | ବେଲ | ଏଗେଲ ମାର୍ମେଲସ୍ | ଫଳ | ମାର୍ଚ୍ଚ, ଏପ୍ରିଲ, ମେ ଓ ଜୁନ୍ |
| ୩ | ଶତାବରୀ | ଆସ୍ପାଗସ ରେସିମୋସସ୍ | ମୂଳ | ଫେବୃୟାରୀ ଓ ମାର୍ଚ୍ଚ |
| ୪ | ବାହାଡ଼ା | ଟର୍ମିନାଲିଆ ବେଲେରିକା | ଫଳ | ଡ଼ିସେମ୍ବର, ଜାନୁଆରୀ ଓ ଫେବୃୟାରୀ |
| ୫ | ଶିଆଳୀ | ବାହ୍ୱିନିଆ ଭାହିଲି | ପତ୍ର | ଅଗଷ୍ଟ ଓ ଏପ୍ରିଲ |
| ୬ | ତେନ୍ତୁଳି | ଟମାରିଣ୍ଡସ୍ ଇଣ୍ଡିକା | ଫଳ | ମାର୍ଚ୍ଚ, ଏପ୍ରିଲ ଓ ମେ |
| ୭ | ନିମ୍ବ | ଆଜାଡାରେକ୍ଟା ଇଣ୍ଡିକା | ଫଳ | ମେ, ଜୁନ୍ ଓ ଜୁଲାଇ |
| ୯ | ମହୁଲ | ମଧୁକା ଲାଟିଫୋଲିଆ | ଫଳ | ମାର୍ଚ୍ଚ, ଏପ୍ରିଲ ଓ ମେ |
| ୧୦ | କେନ୍ଦୁ | ଡାଓସ୍ପାଇରସ୍ ମେଲାନୋସିକ୍ସ | ପତ୍ର | ଏପ୍ରିଲ ଓ ମେ |
| ୧୨ | ଚାର | ବୁଚ୍ନାଲିଆ ଲାଞ୍ଜାନ୍ | ମଞ୍ଜି | ଏପ୍ରିଲ, ମେ ଓ ଜୁନ୍ |
| ୧୪ | ଗ୍ଁକୁଣ୍ଡା | କାଶିଆ ଅରିକୁଲି ଫରମିସ୍ | ମଞ୍ଜି | ଫେବୃୟାରୀ, ମାର୍ଚ୍ଚ ଓ ଏପ୍ରିଲ |
| ୧୫ | ଭୂଇଁ ନିମ୍ବ | ଆଣ୍ଡ୍ରୋଗ୍ରାଫିସ ପାନିକୁଲାଟା | ସମସ୍ତ ଅଂଶ | ଅକ୍ଟୋବର – ଜାନୁଆରୀ |
| ୧୬ | ଅନନ୍ତ ମୂଳ | ହେମିଡେସମସ୍ ଇଣ୍ଡିକସ୍ | ମୂଳ | ଫେବୃୟାରୀ ଓ ମାର୍ଚ୍ଚ |
| ୧୭ | କରଞ୍ଜ | ପୋଙ୍ଗାମିଆ ପିନ୍ନଟା | ମଞ୍ଜି | ମାର୍ଚ୍ଚ ଓ ଏପ୍ରିଲ୍ |
| ୧୮ | ଶିଆଳୀ | ବାହ୍ୱିନିଆ ଭାହିଲି | ମଞ୍ଜି | ଡିସେମ୍ବର |
| ୧୯ | ଧାତକି | ଉଡ୍‌ଫେଡ଼ିଆ ଫ୍ରୁଟିକୋଷା | ଫୁଲ | ଫେବୃୟାରୀ, ମାର୍ଚ୍ଚ ଓ ଏପ୍ରିଲ |
| ୨୦ | ଶାଳ ମଞ୍ଜି | ସୋରିଆ ରୋବସ୍ତା | ପତ୍ର | ବର୍ଷସାରା |
| ୨୧ | କୁସୁମ | ସ୍କେଲେଚେରିଆ ତ୍ରିଜୁଗା | ମଞ୍ଜି | ମେ ଓ ଜୁନ୍ |
| ୨୨ | ଫୁଲଝାଡୁ | ଅରାଣ୍ଡିନେଲା ସିଟୋସା | କାଣ୍ଡ | ଡିସେମ୍ବର, ଜାନୁଆରୀ, ଫେବୃୟାରୀ ଓ ମାର୍ଚ୍ଚ |
| ୨୩ | ପଳାଶ | ବୁଟିଆ ମୋନୋସ୍ପର୍ମା | ଫୁଲ | ଫେବୃୟାରୀ, ମାର୍ଚ୍ଚ ଓ ଏପ୍ରିଲ |
| ୨୪ | ପଳାଶ | ବୁଟିଆ ମୋନୋସପର୍ମା | ମଞ୍ଜି | ଜୁନ୍ |

ଆର ସଂଖ୍ୟାରେ....

# ଝାଡ଼ବାବ୍

(କେବଳ ଘରୋଇ ପ୍ରସାରଣ ନିମିତ୍ତ)

**ଆସ ଖଲି ବୁଣିବା...........**



**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
**(ଆର୍.ସି.ଡି.ସି)**
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୭୮୧୩/୨୫୪୭୫୮୫/୨୫୪୭୮୯୭
ୱେବ୍‌ସାଇଟ୍ : www.banajata.org, www.rcdcindia.org
ଇମେଲ୍ : rcdcbbsr@bsnl.in

**ଏବଂ**

ଏନ୍/୪-୩୪୨, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫
ଫୋନ୍ : ୦୬୭୪-୨୫୫୨୪୯୪
ଇମେଲ୍ : rcdccfg@bsnl.in

**ଆର୍.ସି.ଡି.ସି.ବଲାଙ୍ଗୀର**
ବଲାଙ୍ଗୀର-୭୬୭୦୦୧
ଫୋନ-୦୬୬୫୨-୨୩୪୮୪୨
ଇମେଲ୍ : rcdcbgr@bsnl.in

**ଆର.ସି.ଡି.ସି.ନବରଙ୍ଗପୁର**
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ,
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨
ଇମେଲ୍ : rcdcngr@bsnl.in